ଧରିତ୍ରୀ
DHARITRI

July 2-8, 2023 ₹ 2/-

ଛୁଟିଦିନ

# କଥା 'କାଉ'ର...

ରାତି ପାହିଲାଣି ରାବଇ କାଉ...ଉଠ ଉଠ ମଠ ନ କର ଆଉ...। ଦିନେ ଏହି ଧାଡ଼ି ପିଲାମାନେ କେବଳ ପଢୁ ନ ଥିଲେ, ପିଲାଙ୍କ ଦୈନନ୍ଦିନ ଜୀବନର ଏହା ଥିଲା ଏକ ଅଂଶ। ହେଲେ ଆଜି ଅଧିକାଂଶ ପିଲାଙ୍କ ପାଇଁ କାଉ କେବଳ ବହିର ଚିତ୍ରରେ ସିମୀତ..



ପ୍ରଚ୍ଛଦ ପ୍ରସଙ୍ଗ ୩



# ବାସ୍ତୁଦୋଷ ଦୂର କରିବାର ଉପାୟ

**ଘରେ ବାରମ୍ବାର କଳହ ଲାଗିବା, ଉନ୍ନତି ପଥରେ ବାଧା ଉପୁଜିବା, ରୋଜଗାର ତୁଳନାରେ ଖର୍ଚ୍ଚ ବଢ଼ିବା, ରୋଗବ୍ୟାଧି ଲାଗି ରହିବା ଇତ୍ୟାଦି ହେଉଛି ବାସ୍ତୁଦୋଷର ଗୋଟିଏ ଗୋଟିଏ ଲକ୍ଷଣ। ଏଥିରୁ ମୁକ୍ତି ପାଇବାକୁ ବାସ୍ତୁଶାସ୍ତ୍ରରେ କିଛିଟା ସହଜ ଉପାୟ କୁହାଯାଇଛି। ଯେମିତିକି...**

*ଘରର ମୁଖ୍ୟ ଦ୍ୱାରକୁ ସର୍ବଦା ସଫାସୁତୁରା ରଖିବା ସହ ଭଲ ଆଲୋକ ବ୍ୟବସ୍ଥା କଲେ, ଘରକୁ ସହଜରେ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେନି; ଯଦ୍ୱାରା ଘରେ ବାସ୍ତୁ ସମସ୍ୟା ଦେଖାଯାଏ ନାହିଁ।



* ଘରେ ଲାଗିଥିବା କୌଣସି ଟ୍ୟାପ୍‌ରୁ ଯେମିତି ପାଣି ଲିକ୍ କରୁ ନ ଥିବ ସେଥିପ୍ରତି ଧ୍ୟାନ ଦେବେ। ତା'ସହିତ ଜଳ ନିଷ୍କାସନର ବ୍ୟବସ୍ଥା ଘରର ପୂର୍ବ କିମ୍ବା ଉତ୍ତର ଦିଗରେ କଲେ ମଧ୍ୟ ଘରେ ବାସ୍ତୁଦୋଷ ଠିକ୍ ରହିଥାଏ ବୋଲି କୁହାଯାଏ।

* ସେହିପରି ପାଣି ଟାଙ୍କିକୁ ଘରର ଉତ୍ତର-ପୂର୍ବଦିଗରେ ରଖିବା ଦ୍ୱାରା ବି ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ।

* ଅନ୍ୟପକ୍ଷେ ଘରର ବାଥ୍‌ରୁମ୍‌କୁ ସର୍ବଦା ସଫା ରଖିବା ଦରକାର। ଏଠାରୁ ଯେମିତି ଦୁର୍ଗନ୍ଧ ବାହାରୁ ନଥିବ ସେଥିପ୍ରତି ବି ଧ୍ୟାନଦେଲେ ଘରେ ବାସ୍ତୁଦୋଷ ଉପୁଜେ ନାହିଁ।

*ଗୃହରେ କେବେବି ଗୋଟିଏ ରେଖାରେ ତିନୋଟି କବାଟ ରହିବା ଉଚିତ୍ ନୁହେଁ। ଏହାଦ୍ୱାରା ବି ବାସ୍ତୁଦୋଷ ଉପୁଜିଥାଏ।

*ଘରେ କେବେ ବି କୌଣସି ଭଙ୍ଗାରୁଜା ଜିନିଷ କିମ୍ବା ଅଳିଆ ଆବର୍ଜନାକୁ ଗଦେଇକରି ରଖିବା ଠିକ୍ ନୁହେଁ। ଏହାର କୁପ୍ରଭାବ ମଧ୍ୟ ଘରର ସୁଖଶାନ୍ତି ଉପରେ ପଡ଼ିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୨-୮

**ମେଷ**
କର୍ମକ୍ଷେତ୍ରରେ ସହଯୋଗର ଅଭାବ, ଦୂରସ୍ଥାନକୁ ଯିବାକୁ ପଡ଼ିବ, ଆନୁଷ୍ଠାନିକ ସଫଳତା ମିଳିବ, ବ୍ୟବସାୟରେ ଲାଭବାନ ହେବେ, ସହକର୍ମୀଙ୍କ ସଦ୍‌ଭାବ, ସନ୍ତାନଙ୍କ କୃତିତ୍ୱରୁ ଗୌରବ, ରାଜନୈତିକ ପୃଷ୍ଠପୋଷକତା ॥

**ବୃଷ**
ଶାରୀରିକ ଅସୁସ୍ଥତା, ବନ୍ଧୁବର୍ଗଙ୍କ ପରାମର୍ଶ, ଅପପ୍ରଚାରରୁ ଅପଯଶ, ପରିସ୍ଥିତି ବଦଳିପାରେ, ଅଯଥା ଖର୍ଚ୍ଚାନ୍ତ ହେବେ, ଖାଦ୍ୟପେୟ ଠିକ୍ ରହିବ ନାହିଁ, କରଜଦାତାଙ୍କ ଚାପ ବୃଦ୍ଧି, ବିବାହପ୍ରସ୍ତାବର ଆଲୋଚନା ॥

**ମିଥୁନ**
କାର୍ଯ୍ୟସିଦ୍ଧିରୁ ଆଶ୍ୱସ୍ତି, ଖୋଜୁଥିବା ଜିନିଷ ପାଇଯିବେ, ଖର୍ଚ୍ଚ ପରିମାଣ ବଢ଼ିଯିବ, ନୂତନ କାମର ପରିକଳ୍ପନା, ବନ୍ଧୁ ଓଲଟା କଥା କହିବେ, ବିବାଦରେ ପଡ଼ିପାରନ୍ତି, ସାଂସ୍କୃତିକ କାର୍ଯ୍ୟାରମ୍ଭ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ ॥

**କର୍କଟ**
ବନ୍ଧୁଙ୍କ ପରାମର୍ଶରୁ ସାନ୍ତ୍ୱନା, ତରବରିଆ ପଦକ୍ଷେପରୁ ଅସୁବିଧା, ଯୁକ୍ତିତର୍କରୁ କଳହ, ଯାନ୍ତ୍ରିକ ତ୍ରୁଟିରୁ ହଇରାଣ, ପ୍ରତୀକ୍ଷିତ ଖବର ପାଇବେ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା, ଭ୍ରମଣ ସୁଯୋଗ ପାଇବେ ॥

**ସିଂହ**
ମାନସିକ ଅସ୍ଥିରତା, ବ୍ୟସ୍ତତା ବୃଦ୍ଧି ପାଇବ, ବନ୍ଧୁ ମିଳନର ଆୟୋଜନ, ବାକ୍ ଅସଂଯମତାରୁ ମନାନ୍ତର, ସୁସମ୍ପର୍କ ବ୍ୟାହତ ହେବ, ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ॥

**କନ୍ୟା**
ନୈରାଶ୍ୟତା ଦୂରହେବ, ପ୍ରିୟବନ୍ଧୁଙ୍କ ସାହାଯ୍ୟ, ନୂତନ କାର୍ଯ୍ୟାରମ୍ଭ, ବୈଷୟିକ ଅଭିବୃଦ୍ଧି, ମୂଲ୍ୟବାନ୍ ଜିନିଷ କ୍ରୟ, ନିର୍ମାଣରେ ଅଗ୍ରଗତି, କଚେରୀ ମାମଲାରେ ବାଇଦା, ଅପ୍ରିୟ ସତ୍ୟଭାଷଣରୁ କଳହ, ମାନସିକ ଅବସାଦ, ସମ୍ପର୍କ ପୁଣି ଯୋଡି ହୋଇଯିବ ॥

**ତୁଳା**
ମନକଥା ମନରେ ରହିଯିବ କାହାକୁ କହିପାରିବେନି, ଟେନ୍‌ସନ ଲାଗି ରହିବ, ପଡ଼ୋଶୀଙ୍କ ସମବେଦନା, ଧର୍ମାନୁଷ୍ଠାନରୁ ପ୍ରେରଣା, ସତ୍‌ସଙ୍ଗ କରିପାରନ୍ତି, ଭୁଲ୍ ଖବର ପାଇ ବିବ୍ରତ ହେବେ, ଭ୍ରମଣ ଆନନ୍ଦ ଦାୟକ ହେବ ॥

**ବିଛା**
ମିଥ୍ୟାଭିଯୋଗର ଆଶଙ୍କା, ସମସ୍ୟାର ସମାଧାନ, ଉଦ୍‌ବେଗ କମିଯିବ, ମିତ୍ରମାନଙ୍କ ପରୋକ୍ଷ ଶତ୍ରୁତା, ଫଳପ୍ରଦ ଆଲୋଚନା, ଆର୍ଥିକ ଦୂରବସ୍ଥା, ଲେଖାପଢ଼ାରେ ଆନ୍ତରିକତା, ବ୍ୟବସାୟିକ ସଫଳତା ॥

**ଧନୁ**
ପାରିବାରିକ ଶାନ୍ତି, ବୁଝାମଣାରେ ଉନ୍ନତି, ସ୍ଥଗିତ କର୍ମାରମ୍ଭ, ନୂତନ ମିତ୍ରତା ସୃଷ୍ଟି, ସ୍ୱର୍ଣ୍ଣାଳଙ୍କାର କ୍ରୟ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଜମିଜମା କ୍ରୟବିକ୍ରୟ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ବୈଷୟିକ ଅଭିବୃଦ୍ଧି ॥

**ମକର**
ମାନସିକ ସ୍ଥିରତା, ଆଶା ପୂରଣ ହେବ, ଖୋଜୁଥିବା ଜିନିଷ ମିଳିବ, ନୂତନ କର୍ମାରମ୍ଭ କରିବେ, ଆନୁସଙ୍ଗିକ ସାହାଯ୍ୟପ୍ରାପ୍ତି, ଅର୍ଥାଭାବ ରହିବନି, ମିତ୍ରମାନଙ୍କ ସହଯୋଗ, ବସ୍ତ୍ରଭୂଷଣ ପ୍ରାପ୍ତି, ବାଣିଜ୍ୟରେ ପ୍ରତିବନ୍ଧକ ଦୂର ହେବ ॥

**କୁମ୍ଭ**
ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି, ଆତ୍ମୀୟଙ୍କ ଆଶ୍ୱାସନା, ସ୍ଥଗିତ କର୍ମାରମ୍ଭ, ଜନସେବା ପ୍ରତି ମନ ବଳିବ, ସହକର୍ମୀଙ୍କ ପରାମର୍ଶ, ଘରକୁ ବନ୍ଧୁ ଆସିବେ, ଅବହେଳିତ କାର୍ଯ୍ୟରୁ ଭର୍ତ୍ସନା, ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି, ନୂତନ ଚାକିରି ଅଫର୍ ପାଇବେ ॥

**ମୀନ**
ଭୁଲ୍ ପଦକ୍ଷେପ ନେବେ, ପାରିବାରିକ ଅସହମତିରେ କାର୍ଯ୍ୟାରମ୍ଭ, କାମଟି ଅସମ୍ପୂର୍ଣ୍ଣ ରହିଯିବ, ବାହାରେ ବେଶି ସମୟ କଟିବ, ଗୁରୁପାକ ଭୋଜନରୁ ସମସ୍ୟା, କଲ୍ୟାଣମୂଳକ କାମରୁ ପ୍ରଶଂସା, ଋଣ ପରିଶୋଧ କରିବେ, ବିଦେଶଯାତ୍ରାର ସୁଯୋଗ ॥

# କିପରି ବଢ଼ିବ ଧନ

ଧନ ଓ ସମୃଦ୍ଧିର ଦେବତା କୁବେର ହେଉଛନ୍ତି ଉତ୍ତର ଦିଗର ସ୍ୱାମୀ। ସେଥିପାଇଁ ଘରର ଆଲମିରା ତଥା ଟ୍ରେଜେରିକୁ ଏହି ଦିଗରେ ରଖିବା ଦ୍ୱାରା ଘରେ କେବେ ବି ଧନର ଅଭାବ ଦେଖାଯାଇ ନ ଥାଏ। ସେହିପରି ବାସ୍ତୁଶାସ୍ତ୍ର ଅନୁଯାୟୀ, ନିଜର ମନିପର୍ସ ହେଉ ଅବା ଟଙ୍କା ସଞ୍ଚୟ କରାଯାଉଥିବା କୁମ୍ଭି ଆଦିକୁ ବି ଘରର ଉତ୍ତର ଦିଗରେ ରଖିଲେ ଧନବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ମନିପର୍ସକୁ କେବେ ବି ଖାଲି ରଖିବା ଠିକ୍ ନୁହେଁ। ସେଥିରେ ଅଳ୍ପ ହେଉ ପଛେ କିଛି ଟଙ୍କା ରଖିବା ଉତ୍ତମ ହୋଇଥାଏ। ଏହାଛଡ଼ା ଉତ୍ତର ଦିଗରେ କାଚ ବାଉଲ୍‌ରେ କିଛି ରୁପା କଏନ୍ ଭର୍ତ୍ତି କରି ରଖିଲେ ଘର ଉପରେ ମା' ଲକ୍ଷ୍ମୀଙ୍କର କୃପା ଦୃଷ୍ଟି ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ସେହିପରି ଘରର ଉତ୍ତର-ପୂର୍ବ ଦିଗରେ ଭଗବାନ ଗଣେଶ ଓ ମା' ଲକ୍ଷ୍ମୀଙ୍କର ମୂର୍ତ୍ତି ରଖି ସେଠାରେ ଦୀପ ଜଳାଇ ପୂଜାର୍ଚ୍ଚନା କଲେ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ପାଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। କେବଳ ସେତିକି ନୁହେଁ, ଘରର ପୂଜାସ୍ଥଳୀକୁ ସର୍ବଦା ସଫାସୁତୁରା ରଖିଲେ ବି ଘରେ କେବେ ଟଙ୍କା ପଇସାର ଅଭାବ ଦେଖାଯାଇ ନ ଥାଏ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷେ ଘରର ଉତ୍ତର ଦିଗରେ ଅଁଳା କିମ୍ବା ତୁଳସୀ ଗଛ ଲଗାଇବା ଦ୍ୱାରା ବି ପରିବାରର ମଙ୍ଗଳ ହେବା ସହ ଘରେ ଧନ ବୃଦ୍ଧି ହୋଇଥାଏ।



# ପାଠକୀୟ

■ ମହାପ୍ରଭୁ ଶ୍ରୀଜଗନ୍ନାଥ। ଦାରୁଦିଅଁ ଭାବେ ସେ ଯେପରି ଅନନ୍ୟ, ତାଙ୍କ ରଥଯାତ୍ରା ବି ସେପରି ମହିମାମଣ୍ଡିତ। ତାଙ୍କ ନୀତିକାନ୍ତିଠାରୁ ପର୍ବ-ପର୍ବାଣୀ, ଯାତ୍ରାରେ ବହୁ ପରମ୍ପରା ହୁଏ ଅନୁସୃତ। ସେହିଭଳି ରଥ ନିର୍ମାଣ ସମୟରେ ଅନୁସରଣ କରାଯାଉଥିବା ଅନ୍ୟତମ ପରମ୍ପରା 'ହରିବୋଲ ଡାକ'ର ବି ରହିଛି ଖୁବ୍ ମାହାତ୍ମ୍ୟ। ତେଣୁ ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ '୯ ହରିବୋଲ'ଟି ବେଶ୍ ମନଛୁଆଁ ହୋଇଥିଲା। 'ରଙ୍ଗର ପ୍ରଭାବ', 'କିସ୍‌ମିସ୍ କେତେ ଉପକାରୀ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ରବି ନାରାୟଣ ତ୍ରିପାଠୀ, ଚନ୍ଦନପୁର, ପୁରୀ*

■ ଲୀଳାମୟ ଦାରୁଦିଅଁ। ସେ ଦିଅଁ ଯେପରି ତାଙ୍କ ଲୀଳା ବି ସେପରି। ଭାଇ ଭଉଣୀଙ୍କୁ ସାଥୀରେ ଧରି ସେ ଭିଆନ୍ତି ଜଗତମଙ୍ଗଳ ଲୀଳା। କାଳିଆ ଠାକୁରଙ୍କ ଏହି ଲୀଳା ସହ ଯୋଡ଼ି ହୋଇ ରହିଛି ରହିବୋଲ ପରମ୍ପରା। ତେଣୁ ଏଭଳି ଏକ ନିଆରା ପରମ୍ପରାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ '୯ ହରିବୋଲ'ଟି ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସମାଜସେବୀ, ଗାଳ୍ପିକ, ଐତିହାସିକ,ଗବେଷକ ବାନାମ୍ବର ବାରିକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*–ସୁକାନ୍ତି ପରିଜା, ଜଟଣୀ, ଖୋର୍ଦ୍ଧା*

■ ସୃଜନ ପୃଷ୍ଠାରେ ସ୍ଥାନିତ 'ଛେଉଣ୍ଡ' ଶୀର୍ଷକ ଗପ ଓ 'ବାପାଙ୍କ ଚପଲ' ଶୀର୍ଷକ କବିତାଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍ କରି ଏଥିରେ ସ୍ଥାନିତ କରୀନାଙ୍କ ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା। ଶିକ୍ଷାବିତ୍, ସ୍ତମ୍ଭକାର, ଗୀତିକାର ଡ.ତପୋଧନ ପଣ୍ଡାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା।

*– ମୋନିକା ସାହୁ, କଟକ*

■ ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଆନିମଲ୍ ଇନ୍‌ସ୍ପାୟର୍ଡ ଜୁଏଲାରୀ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ପ୍ରୀତି ବେଶ୍ ସୁନ୍ଦରୀ ଲାଗୁଥିଲେ। ମହାରାଷ୍ଟ୍ରର କେତେକ ପ୍ରମୁଖ ଜଳପ୍ରପାତ ସମ୍ପର୍କରେ ସହର ପୃଷ୍ଠାରୁ ଜାଣି ଖୁସି ଲାଗିଲା।

*– ସ୍ମୃତି କୁମାରୀ ମହାନ୍ତି, ପାଣ୍ଡରା, ଭୁବନେଶ୍ୱର*

■ ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ନ୍ୟାୟମୂର୍ତ୍ତିଙ୍କ କଥା', '୧୦୫ ବିବାହ, ୧୪ ଦେଶର ଜ୍ୱାଇଁ', 'ବିକଳାଙ୍ଗ ଝିଅ ପାଇଁ ବାପା ତିଆରି କଲେ ରୋବୋ', 'ଅଖା ପ୍ଲାଜୋ ପ୍ୟାଣ୍ଟର ଦାମ୍ ୬୦୦୦୦' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ମଧ୍ୟ ହୋଇଥିଲା। 'ଅତି ସ୍ନେହେ' ଶୀର୍ଷକକୁ ନେଇ ପ୍ରସ୍ତୁତ ହୋଇଥିବା ଏଥରର ବ୍ୟଙ୍ଗଟି ବି ବେଶ୍ ଶିକ୍ଷଣୀୟ ହୋଇଥିଲା।

*– ଅମରେଶ ମହାନ୍ତି, ରାୟଗଡ଼*

## ବିଶେଷ ଚିଠି



୯ ହରିବୋଲକୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
ଶିଖାଇଲା ଅନେକ କିଛି
ମନେ ଭରିଲା ଆନନ୍ଦ।
ହେ ମୋର ପ୍ରିୟ ଛୁଟିଦିନ
ତୁମକୁ କରେ ନିବେଦନ,
ଆସୁଥାଅ ଏହିପରି
ନିତି ପ୍ରତିଦିନ।

*– ମୌସୁମୀ ପରିଡ଼ା, ଚକ୍ରତୀର୍ଥ ରୋଡ଼, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# କଥା ‘କାଉ’ର...





ରାତି ପାହିଲାଣି ରାବଇ କାଉ...ଉଠ ଉଠ ମଠ ନ କର ଆଉ...। ଦିନେ ଏହି ଧାଡ଼ି ପିଲାମାନେ କେବଳ ପଢୁ ନ ଥିଲେ, ପିଲାଙ୍କ ଦୈନନ୍ଦିନ ଜୀବନର ଏହା ଥିଲା ଏକ ଅଂଶ। ହେଲେ ଆଜି ଅଧିକାଂଶ ପିଲାଙ୍କ ପାଇଁ ଏହି କଥାର ଅର୍ଥ ଏବେ କିଛି ନାହିଁ। ତାଙ୍କ ପାଇଁ କାଉ କେବଳ ବହିର ଚିତ୍ରରେ ସିମୀତ..

“ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନ କର ଆଉ... ”। ବହିରେ ଲେଖାଥିବା ଏହି ଗୀତ ଶୁଣିଲେ ମନ ପୁଲକିତ ହୋଇଥାଏ। କାଉର ରାବ ଶୁଣି ଶିଶୁଟି ବି ଶୀତୁଆ ନିଦରୁ ଉଠିଯାଇଥାଏ। ହେଲେ ଆଜିକାଲି ଗାଁରେ ବି ଆଗଭଳି ସକାଳେ ଆଉ କାଉର କା କା ରାବ ଶୁଭୁନି। ତେବେ କାଉ କେବଳ ଆମ ଗାଁ ଗହଳିରେ ନୁହେଁ ସାରା ପୃଥିବୀରେ ଦେଖିବାକୁ ମିଳିଥାଏ।

**ଅନେକ ନାମରେ କାଉ:** କା, କା, ବୋଲି ସେ ରାବିବାରୁ ତାକୁ କାଉ ବା କାକ ବୋଲି କୁହାଯାଇଛି। ଓଡ଼ିଆରେ ‘କାଉ’ ସଂସ୍କୃତରେ ‘କାକ’ ଓ ହିନ୍ଦୀରେ ‘କୱା’ ଓ ଇଂଲିଶରେ ‘କ୍ରୋ’ ବୋଲି କୁହାଯାଏ। ଘରୁଆ କାଉର ଇଂଲିଶ ନାମ ହେଉଛି ‘ହାଉସ କ୍ରୋ’ ଏବଂ ଏମାନଙ୍କର ବୈଜ୍ଞାନିକ ନାମ ହେଉଛି ‘କର୍ଭସ ସ୍ପେନ୍ ଡେନ୍ସ୍’। ଡାମରା କାଉକୁ ଇଂଲିଶରେ ‘ଜଙ୍ଗଲ କ୍ରୋ’ କୁହାଯାଏ ମାତ୍ର ଏମାନଙ୍କର ବୈଜ୍ଞାନିକ ନାମ ହେଉଛି ‘‘କର୍ଭସ୍ ମାଇ କ୍ରୋହିଙ୍ଗ୍ସ୍’’। ଗୋଟିଏ ଗୋଟିଏ ଗଛରେ ଶହ ଶହ ସଂଖ୍ୟାର କାଉମାନେ ବସା ବାନ୍ଧି ରହିଥିବାର ଦେଖାଯାଏ। ସକାଳୁ ସକାଳୁ ଏମାନେ ଖାଦ୍ୟ ଅନ୍ୱେଷଣରେ ଦଳଦଳ ହୋଇ ବାହାରି ଯାଆନ୍ତି ଓ ସନ୍ଧ୍ୟା ବେଳକୁ ଦଳ ଦଳ ହୋଇ ଫେରି ଆସିଥାନ୍ତି। ଖାଦ୍ୟ ଅନ୍ୱେଷଣରେ ଏମାନେ ପ୍ରାୟ ୩୦ ମାଇଲ ରାସ୍ତା ଅତିକ୍ରମ କରିଥାନ୍ତି। କାଉ ଉଡ଼ି ଯାଉଥିବା ବେଳେ ପ୍ରତି ସେକେଣ୍ଡରେ ମାତ୍ର ଦଇଥର ପକ୍ଷକୁ ବାଡ଼େଇଥାଏ – ଅଧିକ ଥର ନୁହେଁ।

ଦକ୍ଷିଣ ମେରୁ, ଉତ୍ତର ମେରୁ, ଦକ୍ଷିଣ ଆମେରିକାର ଦକ୍ଷିଣ ଅଂଶ, ପ୍ରଶାନ୍ତ ମହାସାଗରର କେତେକ ଦ୍ୱୀପକୁ ବାଦ ଦେଲେ ପୃଥିବୀର ଚାରିଆଡ଼େ ଏମାନେ ଦେଖାଯାଆନ୍ତି। ନିଉଜିଲାଣ୍ଡରେ ପୂର୍ବରୁ କାଉ ନ ଥିଲେ। ପରେ ବଣିକମାନେ ଆରବର ପ୍ରାଚ୍ୟ ଜଗତରୁ କାଉକୁ ନେଇ ମେସୋପଟାମିଆ, ସିରିଆ ପ୍ରଭୃତି ଅଞ୍ଚଳରେ ବିକ୍ରି କରିବା ଫଳରେ ସେଠାରେ ତାଙ୍କର ବଂଶ ବୃଦ୍ଧି ପାଇଥିଲା। ସାରା ପୃଥିବୀରେ ପ୍ରାୟ ୪୦ଟି ପ୍ରଜାତିର କାଉ ଦେଖାଯାଉଥିବାବେଳେ ଭାରତରେ ସାଧାରଣତଃ ୨ଟି ପ୍ରଜାତିର କାଉ ଅଛନ୍ତି। ଡାମରା କାଉ ଓ କୁଜି କାଉ। ଡାମରା କାଉ ଚିକ୍କଣ କଳା। ଏମାନଙ୍କର ରାବ ମୋଟା, କର୍କଶ। ମାତ୍ର କୁଜି କାଉ ବେକ ଟିକିଏ ପାଉଁଶିଆ ରଙ୍ଗର ହୋଇଥାଏ। ବିଭିନ୍ନ ଅଞ୍ଚଳରେ ଏହି କାଉମାନଙ୍କର ଆକାର ଛୋଟ ବଡ଼ ଥାଏ। ଉତ୍ତର ଆମେରିକାରେ କେତେକ ପ୍ରଜାତିର କାଉ ଅଛନ୍ତି ଯେକି ସମୁଦ୍ର କୂଳେ କୂଳେ ରହନ୍ତି ଓ ସେମାନଙ୍କୁ ‘ମାଛ କାଉ’ ବୋଲି କୁହାଯାଏ।

**ସଂଖ୍ୟା ଜ୍ଞାନ ଥାଏ କାଉଙ୍କର:** କାଉ ମଧ୍ୟ ମଣିଷର ସ୍ୱରକୁ ନକଲ କରିପାରନ୍ତି। ଏକ ଠାରୁ ଛଅ ପର୍ଯ୍ୟନ୍ତ ସେମାନେ ଠିକ୍ ଠିକ୍ ଗଣି ପାରିଥାନ୍ତି। କାଉମାନେ ସାଧାରଣତଃ ୧୩/୧୪ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ବଡ଼ ପିଞ୍ଜରାରେ ଯତ୍ନର ସହକାରେ ରଖିଲେ କାଉମାନେ ୨୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ଯେଉଁ କାଉର ଆଖି ପିଙ୍ଗଳ ଓ ନୀଳବର୍ଣ୍ଣ, ସ୍ୱର ତୀକ୍ଷ୍ଣ, ବୀର ସ୍ୱଭାବ ସେ କାଉ ହେଲା ‘କ୍ଷତ୍ରିୟ’ ଶ୍ରେଣୀର। ଯେଉଁ କାଉର ଚଞ୍ଚୁ ଇଷତ୍ ନୀଳବର୍ଣ୍ଣ, ସ୍ୱର କର୍କଶ ନୁହେଁ ସେ ‘ବୈଶ୍ୟ’ ଶ୍ରେଣୀର। ଯେଉଁ କାଉର ବର୍ଣ୍ଣ ପାଉଁଶିଆ, ସ୍ୱର ରୁକ୍ଷ, ଅଙ୍ଗ ଚିକ୍କଣ ଏବଂ ଗତି ଚପଳ ସେ କାଉ ‘ଶୂଦ୍ର’ ଶ୍ରେଣୀର। ଯେଉଁ କାଉ ଦୀର୍ଘ ଦେହୀ, ଦୃଢ଼ସ୍ୱର, ଦୀର୍ଘ ତୁଣ୍ଡି ତାକୁ ‘ବିପ୍ର’ ଶ୍ରେଣୀର କାଉ ବୋଲି କୁହାଯାଇଥାଏ।


**ଯେଉଁଠି କାଉ ସୌଭାଗ୍ୟର ପ୍ରତୀକ:** ଖୁବ୍ ଉପକାରୀ ହେଲେ ମଧ୍ୟ କାଉର ଆଦର ଟିକେ କମ୍। କିନ୍ତୁ ଚାରମିନାର ସିଟିରେ କାଉ ପ୍ରତି ଆଦର ଢେର ବେଶି। କାଉକୁ ସେଠାକାର ଲୋକମାନେ ସୌଭାଗ୍ୟଦାୟକ ପକ୍ଷୀ ବୋଲି ବିବେଚନା କରନ୍ତି। ସେମାନଙ୍କ ଧାରଣା ଯେ, କାଉଟିକୁ ଉଡ଼ାଇଦେଲେ ତା’ ସହ ଦୁର୍ଭାଗ୍ୟ ଉଡ଼ିଯାଏ, ଜୀବନରେ ଭଲ ସମୟ ଆସିଥାଏ। ଏହି ଚାରମିନାର ସିଟିରେ କାଉ ଗୋଟିକୁ ୧୫୦ ରୁ ୨୦୦ ଟଙ୍କାରେ ବିକ୍ରି ହୋଇଥାଏ। ଯେଉଁ କାଉର ବେକ ତଳେ ଧଳା ଦାଗ ଥାଏ ସେମାନଙ୍କୁ ଉଡ଼ାଇ ଦେଲେ ଭାଗ୍ୟ ଖୋଲିଯାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି। ଲୋକମାନେ କାଉ କିଣିବା ପରେ ସେଇଠି ତାକୁ ଉଡ଼ାଇ ଦିଅନ୍ତି କିମ୍ବା ଘରକୁ ନେଇ ଘରର ରୋଗଗ୍ରସ୍ତ ବ୍ୟକ୍ତିଙ୍କ ଦ୍ୱାରା ଉଡ଼ାଇଥାନ୍ତି। ରୋଗଗ୍ରସ୍ତ ବ୍ୟକ୍ତି କାଉ ଉଡ଼ାଇବା ପରେ ରୋଗ ଉପଶମ ହୋଇଯାଏ ବୋଲି ଲୋକେ ବିଶ୍ୱାସ କରନ୍ତି। କୁଦୃଷ୍ଟିରୁ ରକ୍ଷା ପାଇବା ତଥା ଗହଣା ବେପାର ମାନ୍ଦା ପଡ଼ିଗଲେ ବ୍ୟବସାୟୀମାନେ ମଧ୍ୟ କାଉ ଉଡ଼ାଇ ଦେଇଥାଆନ୍ତି। ଏଥିରେ ବେପାର ଭଲ ଚାଲେ ବୋଲି ସେମାନଙ୍କର ମତ। ମଙ୍ଗଳବାର ଓ ଅମାବାସ୍ୟାରେ କାଉ ଉଡ଼ାଇଲେ ଅଧିକ ଶୁଭ ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି।

**ରାବରୁ ମିଳେ ସୂଚନା:** ଆଗରୁ ମୁନିଋଷିମାନେ କାଉର ସ୍ୱରରୁ ବିଭିନ୍ନ ସୂଚନା ଦେଉଥିଲେ। ଯେମିତିକି କାଉ ଶାନ୍ତ ସ୍ୱରରେ ରାବିଲେ ତାହା ଶୁଭ ସୂଚନା ଦେଇଥାଏ। ତେଜିୟାନ ଦିଶୁଥିବା କାଉ ବୀରତ୍ୱର ସୂଚନା ଦିଏ।

→











ଶାନ୍ତ ବା ସ୍ଥିର ହୋଇ ବସି କାଉ ଦୀପ୍ତ ସ୍ୱରରେ ମଧୁର ଭାବରେ ରାବିଲେ ସମସ୍ତ ବାଧାବିଘ୍ନ ଦୂର ହୋଇ କାର୍ଯ୍ୟ ସିଦ୍ଧି ହୁଏ । କାଉ ଯଦି କର୍କଶ ସ୍ୱରରେ ରାବକଲା ଯେଉଁ କାମ କରିବାକୁ ଯାଉଥିବ ତାହା ହେବନାହିଁ । କାଉ ଯଦି ସୂର୍ଯ୍ୟଙ୍କ ଉଦୟ ସମୟରେ ପୂର୍ବଦିଗରେ ଉତ୍ତମ ସ୍ଥାନରେ ରହି ରାବ ଦେବ ତାକୁ ଶୁଣୁଥିବା ଲୋକର ସମସ୍ତ ଅମଙ୍ଗଳ ମଙ୍ଗଳରେ ପରିଣତ ହୁଏ । ପ୍ରଭାତରେ ଦକ୍ଷିଣ ଦିଗରେ ଦୀର୍ଘ ସ୍ୱରରେ ଯଦି କାଉ ରାବିଲା ଶୁଣିବା ଲୋକ ଦୁଃଖ ଭୋଗ କରିଥାଏ, ତାକୁ ରୋଗ ହୁଏ ।ଏମିତିବି ଘରେ ଘରେ ବିଶ୍ୱାସ ଅଛି ଘରର ଚାଳ କିମ୍ବା ଛାତ ଉପରେ କାଉ ରାବିଲେ ଘରକୁ କୁଣିଆ ଆସିବେ ବୋଲି ବିଶ୍ୱାସ ରହିଛି । କାଉଟି ଉଡ଼ିଗଲେ ଅନୁମାନ କରାଯାଏ କେହି ଆଗନ୍ତୁକ ଆସୁଛନ୍ତି । ଆଉ ଯଦି ଦୁଇ ମୁଠା ଚାଉଳ ରଖି ଦେଲେ ସେଥିରୁ ଯଦି କାଉ ଖୁମ୍ପାଏ ଖାଇ ଉଡ଼ିଗଲା ସେଥିରୁ ଜଣାପଡ଼େ ବିଦେଶରୁ ଚିଠି ଆସୁଛି । ସେମିତି ଶକୁନ ଶାସ୍ତ୍ର ଅନୁସାରେ, କାଉର କିଛି ଇଶାରା ଆମ ପାଇଁ ଶୁଭ ହୋଇଥିବା ବେଳେ ଆଉ କିଛି ଅଶୁଭ । ଏଥିପାଇଁ ଯଦି କେବେ କାଉ ଦେଖନ୍ତି ବା ରାବ ଶୁଣନ୍ତି ତେବେ ତାହାକୁ ଗୁରୁତ୍ୱହୀନ ମନେ କରିବେନି । କେଉଁଠି ଯଦି ବହୁ ସଂଖ୍ୟାରେ କାଉ ଏକାଠି ହୋଇ ରାବୁଥାନ୍ତି ତେବେ ସେଠାରେ ବିପତ୍ତି ଆସିବାର ସୂଚନା ମିଳେ । ଘର ଉପରେ କାଉ ପଲ ଏକାଠି ରାବୁଥିଲେ ଘର ମାଲିକଙ୍କ ଉପରେ ବିପଦ ରହିଛି ବୋଲି ଜାଣିବେ । ମହିଳାଙ୍କ ଶରୀରରେ କାଉ ହଠାତ୍ ବସିଗଲେ ତାଙ୍କ ସ୍ୱାମୀ ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଥାନ୍ତି । ଯାତ୍ରାରେ ବାହାରିଥିବା ସମୟରେ ହଠାତ୍ କାଉ ସାମନାକୁ ଆସି ରାବି ଚାଲିଗଲେ କାର୍ଯ୍ୟ ସଂପୂର୍ଣ୍ଣ ହେବାର ସୂଚନା ମିଳେ । ଯଦି କାଉ ଉପର ମୁହାଁ ହୋଇ ଡେଣା ଝାଡ଼ି କର୍କଶ ସ୍ୱରରେ ରାବୁଛି ତେବେ ତାହା ମୃତ୍ୟୁର ସୂଚନା ଦିଏ । ଉଡୁଥିବା କାଉ ଯଦି କାହା ଶରୀର ଉପରେ ବସିଯାଏ ସେ ବ୍ୟକ୍ତି ରୋଗଗ୍ରସ୍ତ ହେବା ସହ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । କାଉ ମୃତ ଜୀବର ଅସ୍ଥି ଧରି ଉଡ଼ିଯାଉଥିବା ବେଳେ ଯଦି ତାହାକୁ କୌଣସି ବ୍ୟକ୍ତିର ମୁଣ୍ଡ ଉପରେ ପକାଇଦିଏ ତେବେ ତାଙ୍କ ଉପରେ ବଡ଼ ସଙ୍କଟ ଆସୁଥିବାର ସୂଚନା ମିଳେ । କାଉ ପାଣି ଭର୍ତ୍ତି ମାଠିଆ ବା ପାତ୍ର ଉପରେ ଯଦି ବସିଥିବାର ଦେଖନ୍ତି ତେବେ ଧନ ସଂପତ୍ତି ବୃଦ୍ଧି ଯୋଗ ରହିଛି ବୋଲି ଜାଣିବେ । ରୁଟି ଖଣ୍ଡେ ବା ମାଂସ ଆଦି କାଉ ଥଣ୍ଟରେ ଧରି ଉଡ଼ିଯିବାର ଦେଖିଲେ ଆପଣଙ୍କର ପ୍ରତ୍ୟେକ ଇଚ୍ଛା ବା କାମନା ପୂର୍ଣ୍ଣ ହେବ । ଗଛ ଉପରେ ବସି ଶାନ୍ତ ସ୍ୱରରେ ଯଦି କାଉ ରାବୁଥାଏ ତେବେ ଶୁଭ ଖବର ପାଇବେ । ପୂର୍ବ ପୁରୁଷଙ୍କୁ ଶ୍ରାଦ୍ଧ ଦେବା ସମୟରେ ହିନ୍ଦୁମାନେ କାଉଙ୍କୁ ଖାଇବାକୁ ଦେଇଥାନ୍ତି । କାଉଙ୍କୁ ନେଇ ହିନ୍ଦୁ ଶାସ୍ତ୍ରରେ ଅନେକ ଶୁଭ ଓ ଅଶୁଭ ଖବର ଉଲ୍ଲେଖ ରହିଛି । ଦକ୍ଷିଣ ପଶ୍ଚିମ ଦିଗରୁ ସନ୍ଧ୍ୟା ସମୟରେ ଯଦି କାଉଟିଏ ଆସେ ତେବେ ଏହା ଆସନ୍ନ ବିପଦ ଓ ବିପର୍ଯ୍ୟୟର ସୂଚନା ମିଳିଥାଏ । ଯଦି କୁଆ ଦକ୍ଷିଣ-ପୂର୍ବ ବା ଅଗ୍ନି କୋଣରୁ ଆସେ ତେବେ ଆର୍ଥିକ ଲାଭ ହେବ । ଏଭଳି କୁଆକୁ ନେଇ ଅନେକ ତଥ୍ୟ ରହିଛି । ହିନ୍ଦୁ ଧର୍ମରେ କାଉ ରୂପରେ ଆମର ପୂର୍ବ ପୁରୁଷ ଆସନ୍ତି ବୋଲି ବିଶ୍ୱାସ ରହିଛି । ବୁଦ୍ଧିଆ ପକ୍ଷୀଙ୍କ ଭିତରେ କାଉ କେବେହେଲେ ଏକୁଟିଆ ଖାଏନାହିଁ । ସେମାନେ ତାଙ୍କ ସାଙ୍ଗସାଥୀଙ୍କୁ ଏକାଠି ଖାଇବା ପାଇଁ ଡାକନ୍ତି । ସେମାନେ ବିଭିନ୍ନ ସାଧନ ବ୍ୟବହାର କରନ୍ତି । ନିଜ ଶାବକଙ୍କୁ ସୁରକ୍ଷା ଦିଅନ୍ତି । ଏକ ସାମାଜିକ ପରିବେଶରେ ବାସ କରନ୍ତି । କେହି ପ୍ରିୟଜନ ମରିଗଲେ ମଣିଷଙ୍କ ପରି ଶୋକ କରନ୍ତି ।

**କାଉଙ୍କ ଗ୍ରାମ:** ବମ୍ବେ ଠାରୁ ୬୦ କି.ମି. ଥାନେ ଜିଲାର ସବୁଠାରୁ ଜନାକୀର୍ଣ୍ଣ ସହର ଦୋମ୍ବିଭିଲିଠାରୁ ହାରାହାରି ୫ କି.ମି. ଦୂରରେ ଅବସ୍ଥିତ ଉମ୍ବାର୍ଲି ଗ୍ରାମଟି 'କାଉଙ୍କ ଗ୍ରାମ' ବୋଲି ଆଖପାଖ ଗ୍ରାମଗୁଡ଼ିକରେ ପରିଚିତ । ଏକ ପାହାଡ଼ ଉପରେ ଅବସ୍ଥିତ ଏହି ଗ୍ରାମଟିରେ ବହୁ ସଂଖ୍ୟକ ଆମ୍ବ, ବର ଓ ଅଶ୍ୱତ୍ଥ ଗଛ ରହିଛି । କାଉମାନଙ୍କ ଆସ୍ଥାନ ପାଇଁ ଏଗୁଡ଼ିକୁ ଯଥେଷ୍ଟ ସହାୟକ ହୋଇଥାନ୍ତି । ସକାଳ ହେବା ମାତ୍ରେ କାଉମାନେ ଖାଦ୍ୟ ଅନ୍ୱେଷଣରେ ଦଳ ଦଳ ହୋଇ ବିଭିନ୍ନ ଅଞ୍ଚଳକୁ ଉଡ଼ିଯାଇଥାନ୍ତି । ରାତି ହେବାମାତ୍ରେ ଉମ୍ବାଲି ଗ୍ରାମଟି କାଉମାନଙ୍କ ଆଗମନରେ ଚଳଚଞ୍ଚଳ ହୋଇଥାଏ । ଗ୍ରାମଟିରେ ଅତିବେଶିରେ ୫ ଶହ ଲୋକ ବାସ କରନ୍ତି । ସେମାନେ ପକ୍ଷୀମାନଙ୍କର କୌଣସି କ୍ଷତି ନ କରି ବରଂ ସେମାନଙ୍କୁ ଶ୍ରଦ୍ଧା କରିଥାନ୍ତି । ଗ୍ରାମଟିରେ କାଉମାନେ ଶହ ଶହ ବର୍ଷଧରି ବାସ କରି ଆସୁଛନ୍ତି । ଯଦିଓ ଗ୍ରାମରେ ଦିନବେଳା କାଉମାନଙ୍କୁ ଦେଖିବାକୁ ମିଳି ନ ଥାଏ, ତେବେ ଯେଉଁ ଅଳ୍ପ କିଛି କାଉ ଗ୍ରାମରେ ଥାଆନ୍ତି ସେମାନେ ଗ୍ରାମବାସୀଙ୍କ ପ୍ରତି କୌଣସି ବିଶୃଙ୍ଖଳା ସୃଷ୍ଟି କରି ନ ଥାନ୍ତି । କାଉମାନେ କୌଣସି ଖାଦ୍ୟଶସ୍ୟ କିମ୍ବା ଫସଲରେ କ୍ଷତି ପହଞ୍ଚାଇ ନ ଥାନ୍ତି । ସତେ ଅବା ମନୁଷ୍ୟ ଓ କାଉମାନଙ୍କ ମଧ୍ୟରେ କୌଣସି ଗୋପନ ବୁଝାମଣା ହୋଇଛି ।

**ବିପଦରେ କାଉ ବଂଶ:** ଏବେ କିନ୍ତୁ କାଉଙ୍କ ବଂଶ ଦିନକୁ ଦିନ ଲୋପ ପାଇବାରେ ଲାଗିଛି । ବିପଦରେ କାଉ ବଂଶ କାଳାତିପାତ କରୁଥିବା ଜଣାଯାଏ । କୁଆଙ୍କ ଉଭାନ ପଛରେ ବାସଗୃହର ଅଭାବ, କୀଟନାଶକ ଭଳି ରାସାୟନିକ ଦ୍ରବ୍ୟର ପ୍ରୟୋଗ କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି । ବଡ଼ ବଡ଼ ଗଛ ଲୋପ ପାଇବା ଦ୍ୱାରା କାଉମାନେ ତାଙ୍କ ବାସଗୃହ ହରାଇ ବସିଛନ୍ତି । ବର୍ତ୍ତମାନ ଯେତିକି ବି କାଉ ରହିଛନ୍ତି ସେମାନେ ସକାଳେ ରାବିବା ବଦଳରେ ମଧ୍ୟ ରାତିରେ କା' କା' ରଡ଼ି ଛାଡୁଛନ୍ତି । ମାନବ ସମାଜ ପାଇଁ ଏହା ଏକ ଦୁଃଖ ଖବର । ପ୍ରଦୂଷିତ, ବିଷାକ୍ତ ଓ ଅସୁରକ୍ଷିତ ପରିବେଶ ପାଇଁ କାଉ ବଂଶ ବିଲୋପ ହେବାକୁ ବସିଛି । ଗତ ୫ ବର୍ଷ ଭିତରେ ଆମେ ୪୧୩ ନିୟୁତ ପକ୍ଷୀଙ୍କୁ ହରାଇଛୁ ବୋଲି ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ଜଣାପଡ଼ିଛି । ୧୦ ହଜାର ପ୍ରଜାତିର ପକ୍ଷୀ ବର୍ତ୍ତମାନ ବିପନ୍ନ । ଯେଉଁମାନଙ୍କ ମଧ୍ୟରୁ ୧ ହଜାର ୨ ଶହ ଲୋପ ପାଇବା ଉପରେ ଏବଂ ୧୯୦ ପ୍ରଜାତି ଲୋପ ପାଇସାରିଲେଣି । ଏହା ନିଶ୍ଚିନ୍ତ ଭାବେ ଏକ ଅଶୁଭ ସୂଚନା । ୧୯୯୯ ମହାବାତ୍ୟା ପରଠାରୁ ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ପୁରୀ, କଟକ, ଗଞ୍ଜାମ ଆଦି ଜିଲ୍ଲାରୁ କିଛି ପରିମାଣରେ କାଉ ବଂଶ ଲୋପ ପାଇଥିବା ଜଣାଯାଏ ।

ଏଣୁ କାଉ ବଂଶ ବୃଦ୍ଧି କରିବାକୁ ହେଲେ ଜନ ସଚେତନତା ସହ ବଡ଼ ବଡ଼ ଗଛ ଲଗାଇବା ନିହାତି ଦରକାର ।

**-ରମେଶ ଚନ୍ଦ୍ର ସ୍ୱାଇଁ**
*୧୬/୪, ଟାଇପ୍-୪ବି,*
*ୟୁନିଟ୍-୩, ଭୁବନେଶ୍ୱର*
*ମୋ. :୯୩୩୭୩୬୨୩୮୩*







ଓଡ଼ିଶାର କଳାକୃତି ନିଆରା। ଏଠାକାର କାରିଗରମାନେ କାଠପଥରଠାରୁ ଆରମ୍ଭ କରି ମାଟି ଗୋବର ପର୍ଯ୍ୟନ୍ତ ସବୁ ଜିନିଷରେ ନିଜର କଳାକୃତୀ ଦେଖାଇଥାନ୍ତି। ଏଇ କଳାକୃତୀ ଭିତରେ ଆସେ ଲାଉରେ ତିଆରି କଳାକୃତୀ। ଯାହା ଦେଖିବାକୁ ଯେମିତି ସୁନ୍ଦର, ସେମିତି ମନଛୁଆଁ ହୋଇଥାଏ...

# ନୂଆ ରୂପରେ ଲାଉ



କଳାକୃତୀ ହିଁ ସୁନ୍ଦର। ତେବେ ସ୍ଥଳ ବିଶେଷରେ ବିଭିନ୍ନ ସ୍ଥାନର କଳାକୃତୀ ଭିନ୍ନ ଭିନ୍ନ ହୋଇଥାଏ। ଆଉ ସେହି କଳାକୃତୀଗୁଡିକ ସେହି ସ୍ଥାନର ପରିଚୟ ବି ବହନ କରିଥାଏ। ଏହି କ୍ରମରେ ଦେଖିଲେ ଓଡ଼ିଶାର କଳାକୃତିରେ ସ୍ୱତନ୍ତ୍ରତା ବାରି ହୋଇପଡ଼େ। ଏଠାକାର କଳା କାରିଗରମାନେ କାଠପଥରଠାରୁ ଆରମ୍ଭ କରି ମାଟି ଗୋବର ପର୍ଯ୍ୟନ୍ତ ସବୁ ଜିନିଷରେ ନିଜର କଳାକୃତୀ ଦେଖାଇଥାନ୍ତି। ଏଇ କଳାକୃତୀ ଭିତରେ ଆସେ ଲାଉରେ ତିଆରି କଳାକୃତୀ। ଯାହା ଦେଖିବାକୁ ଯେମିତି ସୁନ୍ଦର, ସେମିତି ମନଛୁଆଁ ହୋଇଥାଏ। କଞ୍ଚା ଲାଉରେ ସାଧାରଣତଃ ସ୍ୱାଦିଷ୍ଟ ତରକାରୀ ଓ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ। ଶୁଖିଲା ଲାଉ କିନ୍ତୁ ସାଧାରଣରେ ବେଶି କାମରେ ଆସେନା। ହେଲେ ଏହି ସୁଖିଲା ଲାଉକୁ ନେଇ କାରିଗରମାନେ ଏବେ ପ୍ରସ୍ତୁତ କରୁଛନ୍ତି ସୁନ୍ଦର କଳାକୃତୀ। ଯାହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ଆଗରୁ ଏହି ସୁଖିଲା ଲାଉ ଖୋଳକୁ ଗାଁଗହଳିରେ କେହି କେହି କେନ୍ଦରା ବାଦ୍ୟଯନ୍ତ୍ର ତିଆରି ପାଇଁ ବ୍ୟବହାର କରୁଥିଲେ। ତାସହ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ଅଧିକାଂଶ ମହିଳା ଲାଉତୁମ୍ବାକୁ ପାତ୍ର ରୂପେ ବ୍ୟବହାର କରୁଥିଲେ। ସମୟକ୍ରମେ ଏହା ଲୋପ ପାଇବାକୁ ଲାଗିଲା। ମାତ୍ର ଏବେ ଏହାକୁ ନେଇ କରାଯାଉଛି ବିଭିନ୍ନ କଳାକୃତି। ଏଥିରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହ ଘରସଜ୍ଜା ସାମଗ୍ରୀ ବି ପ୍ରସ୍ତୁତ ରହିଛି। ତାସହ ମହିଳାମାନଙ୍କ ଅଳଙ୍କାର, ଆଦିବାସୀମାନଙ୍କର ଯାଉ ରଖିବା ପାତ୍ର, ଘର ସାଜସଜ୍ଜା ସାମଗ୍ରୀ ଇତ୍ୟାଦି ବି ତିଆରି କରାଯାଉଛି। ଏହା ହାଇଜିନିକ ଏବଂ ଏକ ପ୍ରାକୃତିକ ଦ୍ରବ୍ୟରୁ ନିର୍ମିତ ବୋଲି ଲୋକେ ଏହାକୁ ବେଶ୍ ପସନ୍ଦ କରୁଛନ୍ତି। ହେଲେ ଏହାର ବଜାରୀକରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ତେବେ ହିମାଂଶୁ ଶେଖର ପାଣ୍ଡିଆନ କହନ୍ତି, ରାଜ୍ୟ, ଦେଶ ବିଦେଶ ଓ ୱେବ ସାଇଟ୍‌ରୁ ଏବେ ଅନେକ ଅର୍ଡର ଆସୁଛି। ହେଲେ ସ୍ଥାନୀୟ ଅଞ୍ଚଳରେ ଏହାକୁ ଲୋକେ ଜାଣିପାରନ୍ତି ନାହିଁ। ପୂର୍ବରୁ ଲାଉରେ ଘରେ ରୋଷେଇ କରିବା ଜାଣିଥିଲୁ। ହେଲେ ଏତେ କାରୁକାର୍ଯ୍ୟ ଚିତ୍ର କଳା ହେବ ଜାଣି ନଥିଲୁ। ରାୟଗଡ଼ାର ବଡ଼ କୁସୁପାଡ଼ିର ପ୍ରତିମା ମଣ୍ଡାଙ୍ଗି କୁହନ୍ତି, 'ତାଲିମ ନେବା ପରେ ନିଜେ ସ୍ୱାବଲମ୍ବୀ ହେବା ସହ ଏପରି ହସ୍ତଶିଳ୍ପ କଳା କାରିଗରିରେ ଖୁସି ଅଛୁ।' ସେହିପରି ଜଣେ ଲାଉ ବିକାଳି ସିଲଟିଗୁଡା ଗ୍ରାମର ହେମା କର କରିଆ କହିଛନ୍ତି, ପୂର୍ବରୁ ଆମେ ଲାଉକୁ ଶୁଖିଯାଇଛି କହି ଫୋପାଡ଼ି ଦେଉଥିଲୁ। ମାତ୍ର ଆଜିକାଲି ଟ୍ରେନିଂ ଯାଇ ଲାଉର ବିଭିନ୍ନ ଉପକାରିତା ଥିବା ଜାଣି ବିଭିନ୍ନ ସାମଗ୍ରୀ ତିଆରି କରି ତାହାକୁ ବିକ୍ରି କରି କିଛି ଟଙ୍କା ମଧ୍ୟ ପାଉଛୁ। ଶୁଖିଲା ଲାଉଖୋଳରୁ ଯେ ସୁନ୍ଦର ସୁନ୍ଦର କଳାକୃତି ତିଆରି ହୋଇପାରୁଛି, ଏହା ଆମ କଳା କାରିଗରିରେ ଆଉ ଏକ ନିଆରା ପରିଚୟ ସୃଷ୍ଟି କରିଛି।

– ଭାଗ୍ୟଶ୍ରୀ ମିଶ୍ର





## ଲାଉରୁ ସୁନ୍ଦର କଳାକୃତୀ ଯାଏ...

ଲାଉତୁମ୍ବାର କଳା କାରିଗରିକୁ ବଞ୍ଚାଇବାର ନିଆରା ପ୍ରୟାସ କରିଛନ୍ତି ହିମାଂଶୁ ଶେଖର ପାଣ୍ଡିଆନ୍। ରାୟଗଡ଼ାର କସ୍ତୁରୀ ନଗର ୧୧ ନମ୍ବର ଲାଇନ୍‌ରେ ସେ ରୁହନ୍ତି। ଏହି କଳାକୁ ବିକଶିତ କରିବାକୁ ସେ ପ୍ରାୟ ୧୫୦ ଜଣଙ୍କୁ ତାଲିମ ଦେଇଛନ୍ତି। ନିୟମିତ ୪ଜଣ ତାଙ୍କ ତାଙ୍କ ପାଖରେ କାମ କରନ୍ତି। ଏହି ପ୍ରଶିକ୍ଷଣ ରାୟଗଡ଼ା ସହରର ପ୍ରେରଣା ଆର୍ଟ ଆଣ୍ଡ କ୍ରାଫ୍ଟ କସ୍ତୁରୀ ନଗରରେ ଦିଆଯାଉଥିବାବେଳେ ୯ମ ଲାଇନ୍‌ରେ ପୂର୍ବରୁ ଭାରତ ସରକାରଙ୍କ ଦ୍ୱାରା ଏକ ୫୦ ଦିନିଆ ତାଲିମ କାର୍ଯ୍ୟକ୍ରମ ମଧ୍ୟ ହୋଇଛି। ଏଥିରେ ଓଡ଼ିଶାର ୩୦ଜଣ ମହିଳା ତାଲିମ ନେଇଛନ୍ତି। ଏଥିପାଇଁ ରାୟଗଡ଼ା, କୋରାପୁଟ, ମାଲକାନଗିରିର ଗ୍ରାମାଞ୍ଚଳରୁ ଶୁଖିଲା ଲାଉ ସଂଗ୍ରହ କରାଯାଇ ଅଣାଯାଏ। ଏହାପରେ ଲାଉକୁ ଭଲ ଭାବେ ୨୪ଘଣ୍ଟା ପାଣିରେ ଭିଜାଇ (ବତୁରାଇ) ରଖାଯିବା ପରେ ତାହାକୁ ଭଲରେ ଘଷିକି ସଫା କରାଯାଏ। ଆବଶ୍ୟକ ସ୍ଥଳେ ବାଲିକାଗଜରେ ଘଷି ସଫା କରାଯାଇ ଶୁଖାଯାଏ। ଶୁଖିଯିବା ପରେ ଲାଉର ଆକୃତି ଦେଖି ସେହି ଲାଉରେ କେଉଁ ଦ୍ରବ୍ୟ ହୋଇପାରିବ ତାହା ସ୍ଥିର କରାଯାଏ। ଏହାପରେ ସୁନ୍ଦର ପେଣ୍ଟ କରାଯାଏ। କିଛି ଲାଉକୁ ପେଣ୍ଟ ନ କରି କାରୁକାର୍ଯ୍ୟ କରାଯାଏ। କିଛି କ୍ଷେତ୍ରରେ ଡିଜାଇନ ପାଇଁ ଲାଉକୁ କାଟି ଜଏଣ୍ଟ କରାଯାଏ। ଏହା ପରେ ଲାଉଖୋଳ ଉପରେ ବିଭିନ୍ନ ଚିତ୍ରକୁ ଅଙ୍କନ କରାଯାଇ କାରୁକାର୍ଯ୍ୟ କରାଯାଏ। ଆଦିବାସୀଙ୍କ ପାଇଁ ବିଭିନ୍ନ ପ୍ରକାରର ପାତ୍ର, ୱାଲ ହ୍ୟାଙ୍ଗିଙ୍ଗ, ଟେବୁଲ ଡେକରେଟର ଇତ୍ୟାଦି କରାଯାଉଛି।





# ଶିଳ୍ପୀ ଚନ୍ଦନ






**କଳା କାରିଗରି ପ୍ରତି ଆକର୍ଷଣ ଥିଲା ପିଲା ଦିନରୁ। ଆଉ ଏ କ୍ଷେତ୍ରରେ ପିତା ଥିଲେ ତାଙ୍କର ଆଦ୍ୟ ଗୁରୁ। ପରେ ମଣିଷର ମାନସିକତା ଓ ବିଭିନ୍ନ ଦୃଷ୍ଟିଭଙ୍ଗୀ ହିଁ ତାଙ୍କ ଚିତ୍ର ଓ ମୂର୍ତ୍ତିକଳାର ବିଷୟ ବସ୍ତୁ ପାଲଟିଲା। ଯାହା ତାଙ୍କୁ ଦେଲା ଏକ ଭିନ୍ନ ପରିଚୟ। ସେ ହେଲେ ଶିଳ୍ପୀ ଚନ୍ଦନ କୁମାର ସାମଲ..**

**ତା**ଙ୍କ ପିତା ଥିଲେ ଜଣେ ପ୍ରାଇମେରି ଶିକ୍ଷକ। ସେ ପିଲାଙ୍କୁ ବିଭିନ୍ନ ଚିତ୍ର ମାଧ୍ୟମରେ ଶିକ୍ଷା ପ୍ରଦାନ କରୁଥିଲେ। ଯେଉଁଥିପାଇଁ ତାଙ୍କ ଦୁଇପୁଅ ଏବେ ପ୍ରତିଷ୍ଠିତ ଶିଳ୍ପୀ। ତନ୍ମଧ୍ୟରୁ ସାନ ପୁଅ **ଚନ୍ଦନ କୁମାର ସାମଲ** ବିଭିନ୍ନ ଭାସ୍କର୍ଯ୍ୟକଳା ପାଇଁ ଓଡ଼ିଶା ଲଳିତକଳା ଓ କେନ୍ଦ୍ର ଲଳିତକଳା ଏକାଡ଼େମୀ ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ପାଇଛନ୍ତି ଅନେକ ପୁରସ୍କାର ଓ ସମ୍ମାନ । ସେ କୁହନ୍ତି, ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅନ୍ତର୍ଗତ ହାଟସରିସା ଗାଁରେ ୧୮ଜାନୁୟାରୀ ୧୯୭୭ ମସିହାରେ ମୋର ଜନ୍ମ । ମୋ ବାପା ତରଣୀକାନ୍ତ ସାମଲ ଥିଲେ ଜଣେ ଶିକ୍ଷକ। ସେ ଭଲ ଚିତ୍ର କରୁଥିଲେ । ମା' ହରିପ୍ରିୟା ସାମଲ ଗୃହିଣୀ। ଆମ ଘର ଏକ କଳାସଂସ୍କୃତି ସମ୍ପନ୍ନ ପରିବାର। ବାପାଙ୍କ ପ୍ରଭାବରେ ମୋର ବଡ଼ଭାଇ ପଞ୍ଚାନନ ଜଣେ ଭଲ ଆର୍ଟିଷ୍ଟ ହୋଇପାରିଛନ୍ତି । ବାପା ଏବଂ ଭାଇଙ୍କ ଠାରୁ ବିଭିନ୍ନ ଚିତ୍ରକଳା ଓ ମୂର୍ତ୍ତିଗଢ଼ିବା ତାଲିମ ପାଇଥିଲି। ପରେ ୧୯୯୪ରେ ବି.କେ. ଆର୍ଟ କଲେଜ ଗଲି ପଢିବା ପାଇଁ। ୧୯୯୮ରେ ଏହି କଲେଜରେ ବ୍ୟାଚଲର ଅଫ୍ ଫାଇନ ଆର୍ଟ ଇନ୍ ସ୍କଲ୍ପଚର ସାରିଲି। ୨୦୦୦ ମସିହାରେ ଛତିଶଗଡ଼ର ଖଇରାଗଡ଼ସ୍ଥିତ ଇନ୍ଦିରା କଳା ସଙ୍ଗୀତ ବିଶ୍ୱବିଦ୍ୟାଳୟରେ ମାଷ୍ଟର ଅଫ୍ ଫାଇନ୍ ଆର୍ଟରେ ମୂର୍ତ୍ତିକଳାରେ ଶିକ୍ଷାଲାଭ କଲି। ସମୟକ୍ରମେ ରାଜ୍ୟ ଓ ବାହାର ରାଜ୍ୟରେ ହେଉଥିବା ବିଭିନ୍ନ କଳା କାରିଗରି ଶିବିରରେ ଯୋଗଦେବା ସହିତ ମୋ ଦ୍ୱାରା ତିଆରି କରାଯାଇଥିବା ନାନାପ୍ରକାର ଭାସ୍କର୍ଯ୍ୟ କଳାକୃତିକୁ ପ୍ରଦର୍ଶନ କରାଇଲି। ବିଶେଷକରି ହ୍ୟୁମ୍ୟାନ ଥିଙ୍କିଙ୍ଗକୁ ମୁଁ ମୂର୍ତ୍ତିକଳାରେ ରୂପ ଦେଲି। ଯେମିତିକି ବସ୍ତାରେ ଧାନ ଗଜା ହେଉଥିବାର ଦେଖି ମୋ ମନରେ ଭିନ୍ନ ଭାବ ସୃଷ୍ଟି ହେଇଥିଲା। ମୋର ମନେହେଉଥିଲା ମଣିଷର ଚିନ୍ତାଧାରା ସତେଯେମିତି ବସ୍ତା ଭିତରେ ଧାନ ଗଜା ପରି। ଯାହାକୁ ମୁଁ କଳାକୃତିର ରୂପଦେଇଥିଲି। ଏହା ମୋତେ ନୂଆ ପରିଚୟ ଦେଇଥିଲା। ଦୀର୍ଘ ୩୦ବର୍ଷ ମଧ୍ୟରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଭାସ୍କର୍ଯ୍ୟକଳା ତିଆରି କରିସାରିଛି। ବିଷେଶକରି ପଥର, ଫାଇବର ଏବଂ ବ୍ରୋଞ୍ଜରେ ବିଭିନ୍ନ ମୂର୍ତ୍ତି ଗଢ଼ିଥାଏ। ରାଜସ୍ଥାନର ବିର୍ଲା ମ୍ୟୁଜିୟମରେ ମଡ଼ର୍ନ ଆର୍ଟ କରିଛି। ସମାଜର ବିଭିନ୍ନ ଘଟଣାକୁ ନେଇ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମୂର୍ତ୍ତି ତିଆରି କରିଥାଏ। ଗାନ୍ଧିଜୀ, ନେତାଜୀ, ସ୍ୱାମୀ ବିବେକାନନ୍ଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ସେହିପରି ବିର୍ଲାର ପ୍ରତିଷ୍ଠାତାଙ୍କ ଅବୟବ ମୂର୍ତ୍ତି ଗଢ଼ିବା ସହିତ ବିଦେଶର ଜଣାଶୁଣା ବ୍ୟକ୍ତିଙ୍କ ମୂର୍ତ୍ତିକୁ ତିଆରି କରିଛି। ପ୍ରାୟ ୧୫୦ଟି ମୂର୍ତ୍ତି ସ୍ଥାପନା ହୋଇସାରିଛି। ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ କଲଚରାର ଦ୍ୱାରା ଜାତୀୟ ସ୍କଲାରଶିପ, ସାଉଥ ସେଣ୍ଟର ଜୋନ କଲଚରାର ନାଗପୁର ଏବଂ ହାଇଦ୍ରାବାଦରେ ଆର୍ଟ ସୋସାଇଟି ତରଫରୁ ୩ଥର ଗୋଲ୍ଡ଼ ମେଡ଼ାଲ ମିଳିଛି। ୨୦୦୭ରେ ଓଡ଼ିଶା ଲଳିତକଳା ଏକାଡ଼େମୀ, ଗୁରୁ ବୋମକେଶ ମହାନ୍ତି ମେମୋରିଆଲ ପୁରସ୍କାର, ରାଜସ୍ଥାନର ଉଦୟପୁରରୁ ଜାତୀୟ ସ୍ତରୀୟ ସ୍ଥପତି ସମ୍ମାନ, ଏଆଇଏଫଏସିଏସରୁ ପୁରସ୍କୃତ ହେବାସହ ହାଇଦ୍ରାବାଦରୁ ସ୍ୱର୍ଣ୍ଣପଦକ, ୬୦ତମ ଜାତୀୟ ଆର୍ଟ ଶିବିରରେ କେନ୍ଦ୍ର ଲଳିତକଳା ଏକାଡ଼େମୀରୁ ମୟୂରଭଞ୍ଜ ପୁରସ୍କାର, କଳାମିତ୍ର, ରାଜା ରବିବର୍ମା ଅନ୍ତର୍ଜାତୀୟ ଡାଇମଣ୍ଡ, ଶିଳ୍ପୀ ପ୍ରଭୁଚରଣ ସ୍ମୃତି ସମ୍ମାନ ଆଦି ପୁରସ୍କାର ମିଳିଛି। ଏହାବାଦ ରାଜ୍ୟ ସହ ଦେଶ ବିଦେଶରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଭାସ୍କର୍ଯ୍ୟକଳା କର୍ମଶାଳାରେ ଭାଗ ନେଇସାରିଛି। କାଠ, ବ୍ରୋଞ୍ଜ, ରୁପା, କଂସା, ପଥର, ଡୋକରା ଆଦିରେ ତାଲିମ ଦେଇଛି। ବାହାର ଦେଶରେ ଶିଳ୍ପୀ ଛୋଟଛୋଟ ଯାହା କାମକରେ ତାହା ସେଠାରେ ଖୁବ୍ ପ୍ରଚାର ପ୍ରସାର ହୋଇଥାଏ ଏବଂ ସେଠାର ଲୋକମାନେ ଶିଳ୍ପୀଙ୍କ ବିଭିନ୍ନ କଳାକୃତିକୁ ଘରେ ସାଇତି ରଖିଥାଆନ୍ତି। ମାତ୍ର ଆମ ଦେଶରେ ଭଲ ଶିଳ୍ପୀ ଅଛନ୍ତି କିନ୍ତୁ ସେମାନଙ୍କ କଳାର ପ୍ରତିଭାକୁ ସଠିକ ଭାବରେ ପ୍ରଚାର ପ୍ରସାର କରାଯାଇପାରୁନାହିଁ। ସେଥିପାଇଁ ଏହି କ୍ଷେତ୍ରରେ ବିକାଶ ହୋଇପାରିଛି। ଏବେ ଅଧ୍ୟାପକ ଭାବେ ଧଉଳି ଚାରୁକଳା ମହାବିଦ୍ୟାଳୟର ଭାସ୍କର୍ଯ୍ୟ କଳା ବିଭାଗରେ କାର୍ଯ୍ୟ କରୁଛି।









**–ବନବିହାରୀ ବେହେରା**



# ଏଠି ମୋର କିଛି ବି ଭୂମିକା ନାହିଁ

-ଗଜାନନ ମିଶ୍ର

**ନା**ଇଁ, ଏଠି ମୋର
କିଛି ବି ଭୂମିକା ନାହିଁ।
ତୁମର ତୁମେ ହେଉଛ ଘୂରି
ଦୂର ଆକାଶରେ ଶୃଙ୍ଖଳା ମେଘ ଯେମିତି।

ତଳେ, ଏ ପାହାଡ କଡେ
ମୁଁ ମୋର ପବନ ଘେରାଏ,
ଭଲ ପାଇ ପାଇ ସ୍ଥିର
ଯେମିତି ଅଶାନ୍ତ ସମୁଦ୍ର।

ଭୂତ ହୋଇ ଡରାଉଛ ବେଳେବେଳେ
ଆଉ ଫୁଟାଉଛ ବନ୍ଧୁକ ଗୁଳି ନ ଥାଇ,
ଅସ୍ତବ୍ୟସ୍ତ ଯୋଉଥିରେ ବଣଫୁଲ ସବୁ
ଜିଭକୁ ଲଟକେଇ ରଖିଥିଲାବେଳେ
ତାଲୁ।

ଅନ୍ଧାର ବି ହୋଇଉଠେ ରଙ୍ଗୀନ
ଅଳସୁଆ ଘୋଡାଙ୍କ ଖୁରାରେ,
ହେଉ ନ ଥାଏ ଦେଇ କିଛି ଭଙ୍ଗା
ଭଙ୍ଗା
ଉଲ୍କାଙ୍କର ଅପରିଷ୍କୃତ ରାସ୍ତାରେ।

*-ତପୋବନ, ଟିଟିଲାଗଡ*
*ମୋ: ୮୨୪୯୦୮୫୫୦୯*

# ଜୋତା

-ଲିନା ରାଣୀ ଧଳମଙ୍ଗରାଜ

**କେ**ଉଁଠି କେବେ ପଢିଥିଲି, ଜୋତା ହେଉଛି ସବୁଠାରୁ ଭଲ କପଲ୍। କେହି କାହାରିଠୁ ଅଲଗା ହୋଇଗଲେ ଅଦରକାରୀ ହୋଇଯାନ୍ତି। ଗୋଟିଏ ନଥିଲେ ଆରଟି କୌଣସି କାମରେ ଆସେନି। ଗୋଟିକ ପାଇଁ ଆଉ ଗୋଟିଏ ନୂଆ ତିଆରି କରିବା ବି ସେମିତି କଷ୍ଟକର ।

ସେମାନଙ୍କ ସଂପର୍କ ବୋଧେ ସେମିତି ଥିଲା। ରାମୁ ମଉସା ଯିଏ ଛୋଟବେଳେ ଆମକୁ ତାଙ୍କ ରିକ୍ସାରେ ସ୍କୁଲକୁ ନବାଆଣିବା କରୁଥିଲେ। ବହୁତ ଭଲ ମଣିଷ ଥିଲେ ମଉସା। ମୋ ସ୍କୁଲ୍ ବ୍ୟାଗ୍, ଜୋତା ଆଉ ମୋ ଦୁଷ୍ଟାମୀକୁ ସେ ସମ୍ଭାଳୁଥିଲେ। ମୁଁ ତାଙ୍କୁ ଯେତେ ହଇରାଣ କଲେ ବି ସେ କେବେ ନ ରାଗି ମୋତେ ରାସ୍ତା ସାରା କେତେ କଥା, କେତେ ଗପ କହି କହି ଘରେ ପହଞ୍ଚେଇ ଦିଅନ୍ତି। ଆଉ ବାଟରେ ଆସିଲା ବେଳେ ପଡେ ତାଙ୍କ ଝାଟିମାଟି କୁଡ଼ିଆ। ଆଗରେ କେମିତି କେଜାଣି ବର୍ଷସାରା କୋଳି ଆଉ ପିଜୁଳି ଭର୍ତ୍ତି ଗଛ। ତାଙ୍କର ସ୍ତ୍ରୀ ମାନେ ମାଉସୀ ମୋ ପାଇଁ ସ୍କୁଲଛୁଟି ବେଳକୁ କୋଳି ଆଉ ପିଜୁଳି ଧରି ଛିଡା ହୋଇ ରୁହନ୍ତି ସବୁଦିନ। ମୋତେ ସେତକ ଧରେଇ ଦେଇ ଟିକେ ଗେହ୍ଲା କରନ୍ତି। ମଉସା ମାଉସୀଙ୍କ ସମ୍ପର୍କ ଖୁବ୍ ଗାଢ଼ ଏବଂ ସୁନ୍ଦର। ମାଉସୀ ଯେତିକି ମାନନ୍ତି ମଉସାଙ୍କୁ, ମଉସା ସେତିକି ଯତ୍ନ ନିଅନ୍ତି ମାଉସୀଙ୍କର। ମୁଁ ସେ ଦୁହିଁଙ୍କ ଭିତରେ ଥିବା ଏହି ନିବିଡ଼ ସମ୍ପର୍କର ଛାପ ଆମ ଘର ମାନଙ୍କରେ କାହିଁ କେବେ ଦେଖିନି । ବଡହେଲା ପରେ ଯଦି କେବେ ଚାଲି ଚାଲି ଆସୁଥିବାର ମଉସା କେଉଁଠି ଦେଖନ୍ତି, ତା'ହେଲେ ଜବରଦସ୍ତି ରିକ୍ସାରେ ବସେଇ ଆଣି ଘରେ ଛାଡିଦିଅନ୍ତି। ମାଉସୀଙ୍କ କଥା ପଚାରିଲେ ନୂଆ ବାହା ହେଲା ଭଳି ଲାଜେଇ ଲାଜେଇ ଉତ୍ତର ଦିଅନ୍ତି। ଏବେ ବଡ଼ ହୋଇ ଚାକିରୀ କଲାପରେ ବହୁତ ବର୍ଷ ଯାଏ ମୁଁ ତାଙ୍କ ଖବର ରଖିଥିଲି। ପରେ ଆଉ ରଖିବା ସମ୍ଭବ ହେଲାନି।
ଆଜି ମାଆ ଫୋନ୍‌ରେ ଜଣେଇଲା, ଜାଣିଛୁ ନା ତୋ ରାମୁ ମଉସା ଯିବାର ଦଶଦିନରେ ତୋ ମାଉସୀ ବି ଚାଲିଗଲେ। ମଉସା ମଲା ପରେ ପରେ ପାଗିଳି ହୋଇଗଲା ବିଚାରୀ । ମଉସା ଡାକି ନେଇଗଲା ମାଉସୀକୁ। ମନେ ପଡୁଥିଲା ମୋ'ର ସ୍କୁଲ ଫେରିବା ବାଟରେ ଦିଜଣ ମିଶି କେମିତି ମୋତେ ଗେହ୍ଲା ଆଉ ଆଦର କରନ୍ତି। ଅଜାଣତରେ ଆଖିରୁ ଦୁଇଟୋପା ଲୁହ ବୋହି ଯାଉଥିଲା ମୋ ପାଦରୁ ଜୋତା କାଢୁ କାଢୁ।

*-ଶତାବ୍ଦୀ ନଗର, ଭୁବନେଶ୍ୱର*
*ମୋ: ୮୨୪୯୦୮୩୪୭୭*

# କବିତା କିଶୋରୀ

- ପିନାକୀ ମିଶ୍ର

**ଝ**ଡ ପଶି ଆସିଛି ଝରକାଦେଇ
କବିତା'ର ପ୍ରଗାଢ ନୀରବତା
ଚାହିଁଛି ତାଳଗଛକୁ

ଆକାଶର କି ଯାଏ !
କି ଯାଏ ବାଉଁଶରାଣୀର
କବିତାକକ୍ଷର ଅନ୍ଧାର ବି
ଝଡସାଥେ ମିଶି କବିତାକୁ କୋରୁଥାଏ ।


ଫେରିପାରୁନି ପକ୍ଷୀ – କବିତା କାଠ
ଉଡିପାରୁନି ଶାବକ – ଦୋହଲେ ମନ
ସମ୍ଭାଳିପାରୁନି ପାଦପ – ଶବ୍ଦସବୁ ବିକ୍ଷିପ୍ତ
ଝଡ ବୁଝେନା
କବିତାକିଶୋରୀର ଛନ୍ଦ ଆଉ ଭେଦ ।

ଝର୍କାଦେଇ କୁଆପଥର ମାଡ, ମେଘ ମେଦୁର
କେତେ କଟାକ୍ଷ, କେତେ କୁତ୍ସାର କେତେ ବାଦ,
ଆଖି କୁଂଚିହୁଏ, ଛାତି ଧକଧକ
କବିତାକକ୍ଷରେ ଆକ୍ରାନ୍ତ ଈଶ୍ୱରୀ
ଭାବ ପହଁରିପାରେନା, ଦୁଶ୍ଚିନ୍ତାରଦଳ
ଗୋଡ଼ଛନ୍ଦେ,
ନହେଲା ନାହିଁ ଫଗୁବସନ୍ତ
କୋଇଲିଛନ୍ଦ, ମିଥୁନଆନନ୍ଦ
ଝଡର ବେଗ, ତାଳଗଛ ତାଳି
ସବୁ କବିତାର ପଥରୋଧରେ
କଣ୍ଟିଫୁଲ ଗୁମୁରେ ।

ଯେତେ ପେଶ, ଯେତେ ପକାଅ ଫାଶ
ସେ ମୁହଁମାଡ଼ି ପଡିଥିବ
ଝଡ ଥମୁଁ
ପୁଣି ଚାଲିବ କବିତାର କଳ୍ପଛାଇ
ଛନ୍ଦ,ଦୂରନ୍ତଉଡାଣ।

ଝଡର ଯେତେ ଅପମାନ
ସବୁ ସହିଛି କିଶୋରୀ ,
ମାଛିଅଂଧାରେ ଜହ୍ନ ଆସିବ, ବିପଦରେ
ଆହାପଦ,
କ୍ଷତାକ୍ତ ନାୟିକାର ସାରାତନୁକୁ
ଆଉଁସିଦେଇ
ଡାକିବ ନଈପାଖକୁ
ଯିଏ ଅନେଶତ ଝଡ ସହି
କାଳଜିଣା ସୁନ୍ଦରୀକବିତା ବନିଛି ।

*– 'ଶୂନ୍ୟନୀଳ'*
*ଚର୍ଚ୍ଚ ପାଖ, ଜେଲ ରୋଡ, କେନ୍ଦୁଝର–୧*
*ମୋ: ୯୪୩୮୧୧୮୩୯୭*



# ଏବେ ବି ମନେପଡେ..



ନୋରା

ନୋରା ଫତେହି ନିଜ ଆକ୍ଟିଂ କ୍ୟାରିୟରର ପ୍ରାରମ୍ଭିକ ଦିନଗୁଡିକୁ ଏବେ ବି ମନେ ପକାନ୍ତି। ଯେତେବେଳେ ସେ ଭାରତକୁ ଆସିଲେ ସେତେବେଳେ ତାଙ୍କୁ ଏଠାରେ ନିଜ ସ୍ୱପ୍ନକୁ ସାକାର କରିବାକୁ କମ୍ ପରିଶ୍ରମ କରିବାକୁ ପଡି ନ ଥିଲା। ଏ ନେଇ ନୋରା କହନ୍ତି, 'ଯେତେବେଳେ ମୁଁ ଭାରତରେ ପହଞ୍ଚିଲି ସେତେବେଳେ ମୋ ପାଖରେ ଅଳ୍ପ ଟଙ୍କା ଥିଲା। ତା'ଭିତରେ ମୋତେ ଗୋଟିଏ କାମ ମିଳିଗଲା। ସେଥିରୁ ସପ୍ତାହକୁ ଯାହା କିଛି ରୋଜଗାର ହେଲା ସେଥିରେ ଆଡଜଷ୍ଟ କରି ଚଳିଯାଉଥିଲି। ସେ ସମୟରେ ମୋତେ ଯେଉଁ ପରିଶ୍ରମ କରିବାକୁ ପଡିଥିଲା ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।' ନୋରାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୪ରେ। ଆଉ ଫିଲ୍ମଟି ଥିଲା 'ରୋର୍ : ଦ ଟାଇଗରସ୍ ଅଫ ସୁନ୍ଦରବନସ୍'। କେବଳ ହିନ୍ଦୀ ନୁହେଁ ସେ କେତୋଟି ତେଲୁଗୁ, ତାମିଲ ଏବଂ ମାଲାୟାଲାମ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ପ୍ରମୁଖ ହିନ୍ଦୀ ସିନେମାଗୁଡିକ ହେଉଛି 'ମିଷ୍ଟର ଏକ୍ସ', 'ରକି ହ୍ୟାଣ୍ଡସମ୍', 'ସତ୍ୟମେବ ଜୟତେ', 'ସ୍ତ୍ରୀ', 'ଭୁଜ୍ ଦ ପ୍ରାଇଡ୍ ଅଫ ଇଣ୍ଡିଆ' ଏବଂ 'ଆନ୍ ଆକ୍ସନ ହୀରୋ'। ବର୍ତ୍ତମାନ ନୋରା ନିର୍ମାଣାଧୀନ 'ମଡ଼ଗାଓଁ ଏକ୍ସପ୍ରେସ' ଏବଂ 'ହଣ୍ଡ୍ରେଡ ପରସେଣ୍ଟ'ରେ ଅଭିନୟ କରୁଛନ୍ତି।

# ଜନ୍ମଦିନ ଆସିଲେ..



ଭିକି

ଭିକି କୌଶଲ ନିଜର ଜନ୍ମଦିନକୁ ଏକ ନିଆରା ଢ଼ଙ୍ଗରେ ପାଳନ କରିଥାଆନ୍ତି। ଯଦି ସେ ଶୁଟିଂରେ ବ୍ୟସ୍ତ ଥାଆନ୍ତି ଏବଂ ତା' ଭିତରେ ତାଙ୍କର ବାର୍ଥ ଡେ' ପଡେ, ତେବେ ଶୁଟିଂ ସେଟ୍‌ରେ ହିଁ ସେ ସେଲିବ୍ରେଟ୍ କରନ୍ତି। ଏ ନେଇ ଭିକି କହନ୍ତି, 'ଶୁଟିଂ ସେଟ୍‌ରେ ଜନ୍ମଦିନ ପାଳିବା ମୋର ଏକ ଅଭ୍ୟାସରେ ପଡିଗଲାଣି। ସେହିଦିନ ମୋର କୌଣସି ଫିଲ୍ମର ଶୁଟିଂ ନ ଥିଲେ ବି ମୁଁ ଯେ କୌଣସି ସେଟ୍‌କୁ ଯାଇ ସେଠାରେ ଜନ୍ମଦିନ ସେଲିବ୍ରେଟ୍ କରିଥାଏ। ଯଦି ମୋର ଶୁଟିଂ ଥାଏ, ତେବେ ଜନ୍ମଦିନ ପାଳନ ପରେ ପୁଣି ଥରେ ଶୁଟିଂ ଆରମ୍ଭ କରେ। କାରଣ ସମୟର ମୂଲ୍ୟବୋଧକୁ ମୁଁ ଭଲ ଭାବରେ ଜାଣିଛି। ତେଣୁ ମୋ ଜନ୍ମଦିନ ପାଇଁ ଶୁଟିଂ ସମ୍ପୂର୍ଣ୍ଣ ବନ୍ଦ ହେଉ ତାହା ମୁଁ ଚାହେଁନା। ୟୁନିଟ୍ ସଦସ୍ୟଙ୍କ ସହ ଏହି ଦିନକୁ ପାଳନ କରିବାର ମଜା ନିଆରା। ଏପର୍ଯ୍ୟନ୍ତ ମୁଁ ସେହି ଧାରାରେ ଚାଲି ଆସିଛି।' ନିକଟରେ ଭିକିଙ୍କ ଅଭିନୀତ 'ଜରା ହଟ୍‌କେ ଜରା ବଚ୍‌କେ' ରିଲିଜ ହୋଇଥିଲା। ଏଥିରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଥିଲେ ସାରା ଅଲ୍ଲୀ ଖାଁ। କିନ୍ତୁ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ସାବ୍ୟସ୍ତ ହୋଇଛି।

# ଜାହ୍ନବୀଙ୍କ ରୋଲ୍ ମଡେଲ୍



ଜାହ୍ନବୀ

ଜାହ୍ନବୀ କପୁର ଜଣଙ୍କ ଅଭିନୟରେ ବେଶି ପ୍ରଭାବିତ ହୋଇଛନ୍ତି। ପୁଣି ତାଙ୍କୁ ଆଧାର କରି ସେ ଆକ୍ଟିଂକୁ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଅଭିନେତ୍ରୀ ଜଣକ କିଏ ଜାଣନ୍ତି ? ପ୍ରିୟଙ୍କା ଚୋପ୍ରା। ନିକଟରେ ନିଜ ଅଭିନୟ ଜୀବନର ରୋମାଞ୍ଚକର ଘଟଣା ବଖାଣୁ ବଖାଣୁ ସେ ଏ ବିଷୟରେ ସୂଚନା ଦେଇଛନ୍ତି। ନିଜ ରୋଲ୍ ମଡେଲ ବିଷୟରେ ସେ କହନ୍ତି, ''ଜଣେ ଅଭିନେତ୍ରୀଙ୍କ ଆକ୍ଟିଂ ମୋତେ ବେଶି ଇମ୍ପ୍ରେଶ କରିଛି। ଆଉ ତାଙ୍କୁ ଫଲୋ କରି ହିଁ ଆଜି ମୁଁ ଜଣେ ଆକ୍ଟ୍ରେସ ହୋଇପାରିଛି। ସେ ହେଲେ ପ୍ରିୟଙ୍କା ଚୋପ୍ରା। ତାଙ୍କ ଅଭିନୀତ ସମସ୍ତ ଫିଲ୍ମ ମୁଁ ଦେଖିଛି ଆଉ ତାଙ୍କ ଅଭିନୟରୁ ଅନେକ କିଛି ଶିଖିଛି।'' ବର୍ତ୍ତମାନ ଜାହ୍ନବୀ ନିଜ ଆକ୍ଟିଂ କ୍ୟାରିୟରକୁ ନେଇ ବେଶ୍ ସିରିୟସ। ତାଙ୍କ ଅଭିନୀତ 'ବୱାଲ' ଅକ୍ଟୋବର ୬ରେ ରିଲିଜ ହେବାକୁ ଯାଉଛି। ଏଥିରେ ଜାହ୍ନବୀଙ୍କ ଅପୋଜିଟ୍‌ରେ ଅଛନ୍ତି ବରୁଣ ଧାୱନ। କାହାଣୀ ଅନୁସାରେ ଗାଁରେ ରହୁଥିବା ଜଣେ ଯୁବକ ଇଚ୍ଛା କରିଛି ଯେ ସେ ସହରରେ ରହୁଥିବା ଜଣେ ସୁନ୍ଦରୀକୁ ବିବାହ କରିବ। କାରଣ ଏହାଦ୍ୱାରା ତା' ଭାଗ୍ୟ ବଦଳିଯିବ। ତେବେ ଯୁବକ ନିଜ ଇଚ୍ଛାକୁ ପୂରଣ କରିପାରୁଛି ତ ? ଏଭଳି ଏକ ବିଷୟବସ୍ତୁକୁ ବେଶ୍ ସୁନ୍ଦର ଭାବରେ ସିନେମାରେ ଉପସ୍ଥାପନା କରାଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ନିତେଶ ତିୱାରୀ।

# ପ୍ରଥା



ଶୀତଲ

ଆକ୍ସନ ଥ୍ରୀଲର ଓଡ଼ିଆ ଫିଲ୍ମ 'ପ୍ରଥା'କୁ ନେଇ ଏବେ ଚର୍ଚ୍ଚା। କାରଣ ଆମର ପ୍ରାଚୀନ ପରମ୍ପରାକୁ ବେଶ୍ ସୁନ୍ଦର ଭାବରେ ଏହି ଚିତ୍ରରେ ଉପସ୍ଥାପନା କରାଯାଇଛି। କୋରାପୁଟ ଜିଲ୍ଲାର କଳା ସଂସ୍କୃତି ତଥା ଧେମ୍ସା ନାଚ ଆଉ ବାଉଁଶ ରାଣୀ ଖେଳ, ଏମିତି କିଛି ନୂଆ ଜିନିଷ ଦର୍ଶକ ଏଥିରେ ଦେଖିବାକୁ ପାଇବେ। ପାଖାପାଖି ୧.୫ କୋଟି ବଜେଟ୍‌ରେ ପ୍ରସ୍ତୁତ ଉକ୍ତ ଫିଲ୍ମ "ପ୍ରଥା"ର ଟ୍ରେଲର ଦର୍ଶକ ଖୁବ୍ ଶୀଘ୍ର ସମସ୍ତ ପ୍ରେକ୍ଷାଳୟରେ ଦେଖିବାକୁ ପାଇବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏକ ଭିନ୍ନଧରଣର କଥାବସ୍ତୁକୁ ଭିତ୍ତିକରି ନିର୍ମିତ 'ପ୍ରଥା'ର ଏବେ ପୋଷ୍ଟ ପ୍ରଡକସନ୍ କାମ ଚାଲିଛି। ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ରଚନା ପାଇଁ ଦୀର୍ଘ ୮ ମାସ ଲାଗିଥିବା ବେଳେ ଶୁଟିଂ ଚାଳିଶ ଦିନରେ ଶେଷ ହୋଇଥିଲା। ଚଳଚ୍ଚିତ୍ରଟି ଅତିଶୀଘ୍ର ମୁକ୍ତିଲାଭ କରିବ ବୋଲି କହିଛନ୍ତି ଏହାର ପ୍ରଯୋଜକ ସନଲିସା ପଟେଲ। ସନଲିସା ସିଗ୍ନେଚର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା। ଏହାର ମୁଖ୍ୟ ଭୂମିକାରେ ସ୍ୱରାଜ ବାରିକ, ଶୀତଲ ପାତ୍ର ଓ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସିମରନ୍ କୌର ଅଭିନୟ କରିଛନ୍ତି। ଏହି ଫିଲ୍ମରେ ସ୍ୱରାଜ ଏକ ନୂତନ ଧରଣର ଚରିତ୍ର ସହିତ ନୂଆ ଲୁକ୍‌ରେ ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି। ଜଣେ ଗାଉଁଲି ଝିଅ ଭୂମିକାରେ ଦେଖା ଦେବେ ଅଭିନେତ୍ରୀ ଶୀତଲ ପାତ୍ର । ମଡ଼ର୍ଣ୍ଣ ଲୁକ୍‌ରେ ଆସିବେ ମୁମ୍ବାଇ ଅଭିନେତ୍ରୀ ସିମ୍‌ରନ୍ । ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ବିଜୟ ପାତ୍ର। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ଗୀତିକାର ନିଜାମ୍‌ଙ୍କ ସୁପୁତ୍ର ଅସଦ୍ ନିଜାମ। ସଂଳାପ ରଚନା କରିଛନ୍ତି ବିଜୟ କୁମାର ରାଉଳ।

# ଆଶାରେ ସେହନାଜ



ସେହନାଜ

ସେହନାଜ କୌର ଗିଲ୍‌ଙ୍କର ଏକ ଆଶା ରହିଛି। ଅବଶ୍ୟ ଇତି ମଧ୍ୟରେ ସେ ମାତ୍ର ହାତଗଣତି ପଞ୍ଜାବୀ ଏବଂ ଗୋଟିଏ ହିନ୍ଦୀ ଫିଲ୍ମ ('କିସି କା ଭାଇ କିସି କା ଜାନ୍)ରେ ଅଭିନୟ କରିଛନ୍ତି। ୬ ବର୍ଷର କ୍ୟାରିୟରରେ ତାଙ୍କ ଅଭିନୀତ ସିନେମା ସଂଖ୍ୟା ହେଉଛି ପାଞ୍ଚ। ହେଲେ ସେ ଆଶା ରଖିଛନ୍ତି ଯେ, ଦିନେ ନା ଦିନେ ତାଙ୍କୁ ଅଫର ପରେ ଅଫର ମିଳିବ। ଏ ନେଇ ସେହନାଜ କହନ୍ତି, '୨୦୧୫ରେ ମୁଁ ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲି। ସେହି ବର୍ଷ ମୋତେ ଏକ ଭିଡିଓ ଆଲବମ୍‌ରେ ମଧ୍ୟ ଅଭିନୟ କରିବାର ସୁଯୋଗ ମିଳିଲା। ହେଲେ ଏହାର ଦୁଇବର୍ଷ ପରେ ମୋତେ ପଞ୍ଜାବୀ ଫିଲ୍ମରେ ବ୍ରେକ୍ ମିଳିଥିଲା। ମୋର ଡେବ୍ୟୁ ଫିଲ୍ମଟି ଥିଲା 'ସତ ଶ୍ରୀ ଆକାଲ ଇଂଲଣ୍ଡ'। ଏହା ଭିତରେ ମୋତେ ମାତ୍ର କେତୋଟି ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଛି। ମାନୁଛି, ଆଶାନୁରୂପ ଅଫର ମୋତେ ଏ ପର୍ଯ୍ୟନ୍ତ ମିଳିନାହିଁ। ତେଣୁ ସେହି ଶୁଭ ମୁହୂର୍ତ୍ତ ଅପେକ୍ଷାରେ ରହିଛି। ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି। ଯେ କୌଣସି ପ୍ରକାର ଭୂମିକା ମିଳିଲେ ମଧ୍ୟ ତାହାକୁ ତୁଲାଇ ପାରିବି।' ଖୁବ୍ ଶୀଘ୍ର ତାଙ୍କୁ ଆଉ ଏକ ଭିଡିଓ ଆଲବମ୍‌ରେ ଦେଖିବାକୁ ମିଳିବ। ଏଥିରେ ସେ ନୱାଜଉଦ୍ଦିନ ସିଦ୍ଧିକିଙ୍କ ସହ ଅଭିନୟ କରିଛନ୍ତି। ଏହାର 'ୟାରକା ସତାୟା ହୁଆ ହେ' ଗୀତଟି ବେଶ୍ ଭାଇରାଲ ହୋଇଛି।

# ପ୍ରଭାସଙ୍କ ପ୍ରଶଂସାରେ ଦୀପିକା



ଦୀପିକା

ଦୀପିକା ପାଦୁକୋନ ଏବେ ଜଣଙ୍କର ପ୍ରଶଂସାରେ ଶତମୁଖ। ଯୁଆଡ଼େ ଗଲେ ତାଙ୍କୁ ଭୁରି ଭୁରି ପ୍ରଶଂସା କରୁଛନ୍ତି। ହେଲେ ସେ କାହାର ପ୍ରଶଂସା କରୁଛନ୍ତି ଜାଣିବେନି ? ହଁ ସେ ହେଲେ ପ୍ରଭାସ। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। ନିର୍ମାଣାଧୀନ ହିନ୍ଦୀ-ତେଲୁଗୁ ସିନେମା 'ପ୍ରୋଜେକ୍ଟ କେ'ରେ ଏହି ଯୋଡିକୁ ଦର୍ଶକ ଦେଖିବାକୁ ପାଇବେ। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ଅମିତାଭ ବଚ୍ଚନ ଏବଂ ଦିଶା ପଟାନି ମଧ୍ୟ ଅଭିନୟ କରୁଛନ୍ତି। ଏ ନେଇ ଦୀପିକା କହନ୍ତି, ''ଯାହା କହନ୍ତୁ ନା କାହିଁକି, ପ୍ରଭାସଙ୍କ ପରି ଆକ୍ଟରଙ୍କ ସହ କାମ କରିବାରେ ସ୍ପେଶାଲ ଚାର୍ମ ରହିଛି। ଏହି ଫିଲ୍ମରେ ମୋତେ ଏକ ଭିନ୍ନ ଧରଣର ଭୂମିକା ମିଳିଛି। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ-ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ପ୍ରଭାସଙ୍କ ପଙ୍କ୍‌ଚୁଆଲିଟି ମୋତେ ସବୁଠାରୁ ବେଶି ପ୍ରଭାବିତ କରିଛି। ଏହାବ୍ୟତୀତ ତାଙ୍କର ଡେଲି ରୁଟିନ୍ ଲାଇଫକୁ ମୁଁ ଫଲୋ କରିବାକୁ ଚେଷ୍ଟା କରୁଛି।'' ୨୦୨୦ରେ ବୈଜୟନ୍ତୀ ମୁଭିଜର ୫୦ତମ ଜନ୍ମଦିନ ଅବସରରେ 'ପ୍ରୋଜେକ୍ଟ କେ' ଫିଲ୍ମଟିର ଟାଇଟଲ ଘୋଷଣା କରାଯାଇଥିଲା। କିନ୍ତୁ କୋଭିଡ୍ ପାଇଁ ଏହାର ଶୁଟିଂ ୨୦୨୧ରେ ଆରମ୍ଭ ହୋଇଥିଲା। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସି. ଅଶ୍ୱିନୀ ଦତ୍ତ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ନାଗ ଅଶ୍ୱିନୀ। ୫୦୦ କୋଟି ବଜେଟ୍‌ରେ ନିର୍ମିତ ଏହି ଚଳଚ୍ଚିତ୍ରଟି ଆସନ୍ତାବର୍ଷ ଜାନୁୟାରୀ ୧୨ରେ ମୁକ୍ତିଲାଭ କରିବାର ଯୋଜନା ରହିଛି।

# ଦରମା ଟଙ୍କାରେ ସାଇବାବାଙ୍କର ମୂର୍ତ୍ତି କିଣିଥିଲି

ପ୍ରଥମ ରୋଜଗାର



ଲେଖିକା ରଶ୍ମି ସାହୁ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଶି**କ୍ଷକତା ପ୍ରତି ସବୁବେଳେ ମୋର ଏକ ଭିନ୍ନ ଆକର୍ଷଣ ରହିଥାଏ। ହେଲେ ବି.ଇଡି ଡିଗ୍ରୀ ନଥିବା ଓ ପୁଅର ତତ୍ତ୍ୱାବଧାନରେ କାଳେ ଅବହେଳା ହୋଇଯିବ ଭାବି ଚାକିରି ଖୋଜିବାରେ ଅଯଥା ସମୟ ନଦେଇ, ଛୋଟମୋଟ କୋର୍ସ (ଯାହାର କ୍ଲାସ୍ ୨/୩ ଘଣ୍ଟା ଭିତରେ ସରିଯାଏ) କରିବାରେ ନିଜକୁ ବ୍ୟସ୍ତ ରଖିଥାଏ। ତା'ସହିତ ଗପ, କବିତା ଲେଖିବାରେ ରୁଚି ଥିବାରୁ ସେ ଦିଗରେ ମଧ୍ୟ ମୋର କିଛି ସମୟ ଯାଉଥାଏ। ହେଲେ ସାଇବାବାଙ୍କ ନିର୍ଦ୍ଦେଶ ବୋଧେ କିଛି ଭିନ୍ନ ଥିଲା। ଯେହେତୁ ମୁଁ ରାଉରକେଲାରେ ରହୁଥିଲି, ଦିନେ ହଠାତ୍ ଆମ ଘର ପାଖରେ ଥିବା ଏକ ଘରୋଇ ଓଡିଆ ମିଡିୟମ୍ ସ୍କୁଲ୍‌ର ଶିକ୍ଷୟିତ୍ରୀ ପ୍ରମିଳା ମହନ୍ତ କେଜାଣି କୋଉଠୁ ମୋ ଫୋନ୍ ନମ୍ବର ପାଇ ମୋତେ ତାଙ୍କ ସ୍କୁଲ୍‌କୁ ଡକାଇଲେ। ସେତେବେଳେ ମୁଁ ନର୍ସରୀ ଟିଚର୍ସ ଟ୍ରେନିଂ କୋର୍ସ କରୁଥାଏ। ଭାବିଲି ସେଇଠୁ ତ ଡିଟେଲ୍ସ ସବୁ ସ୍କୁଲ୍‌ମାନଙ୍କୁ ପଠାଯାଏ, ବୋଧେ ପ୍ରମିଳା ମାଡାମ୍ ମୋ ନମ୍ବରଟି ସେଇଠୁ ପାଇଥିବେ। ଯାହାବି ହେଉ ତାଙ୍କୁ ଦେଖା କଲା ପରେ ସେ ମୋତେ ତାଙ୍କ ସ୍କୁଲରେ ଓଡ଼ିଆ ପଢାଇବା ପାଇଁ ପ୍ରସ୍ତାବ ଦେଲେ। ଏକଥା ଶୁଣି ମୁଁ ଯେତିକି ଆଶ୍ଚର୍ଯ୍ୟ ଆଉ ଖୁସି ହେଲି କେମିତି ସମୟ ଦେବି ସେଥିପାଇଁ ବ୍ୟସ୍ତ ବି ହେଉଥିଲି। କାରଣ ସ୍କୁଲ୍ ସମୟ ଥିଲା ୯ଟା ୩୦ ରୁ ୪ଟା ୩୦। ଏତେ ସମୟ ଦେଇପାରିବି ନାହିଁ ବୋଲି ତାଙ୍କୁ କହିବାରୁ ସେ ଅନୁରୋଧ କରି କହିଲେ, 'ହଠାତ୍ ଆମ ଓଡ଼ିଆ ଶିକ୍ଷକ କିଛି ଅସୁବିଧା ବଶତଃ ଚାକିରୀ ଛାଡ଼ି ଦେଇଛନ୍ତି, ତେଣୁ ଅନ୍ତତଃ କିଛି ମାସ ପାଇଁ ଆପଣ ଦୟାକରି ଟିକେ ଆମକୁ ସମୟ ଦିଅନ୍ତୁ।' ଘରେ ଆସି ସବୁ କଥା କହିବାରୁ ମୋ ପୁଅ ବହୁତ ଖୁସି ହୋଇଗଲା। ସେତେବେଳେ ସିଏ ୬ଷ୍ଠ ଶ୍ରେଣୀରେ ପଢୁଥିଲା। ପୁଅ ଟିକେ ବଡ଼ ହୋଇଯାଇଥିବାରୁ ତା'ର ବେଶି କିଛି ଅବହେଳା ହେବନି ବୋଲି ସ୍ୱାମୀ ହୃଦୟଙ୍ଗମ କରିପାରି ମୋତେ ଚାକିରି କରିବାକୁ ଅନୁମତି ଦେଇଦେଲେ। ନିର୍ଦ୍ଧାରିତ ଦିନ ଯାଇ ସ୍କୁଲ୍‌ରେ ଜଏନ୍ କଲି। ମାସ ଶେଷକୁ ଯେଉଁଦିନ ପ୍ରଥମ ଦରମା ଧରି ଘରେ ପହଞ୍ଚିଲି, ଦେହରେ ଡେଣା ଲାଗିଲା ପରି ଖୁସିରେ ଫଡ୍‌ଫଡ୍ ହେଉଥିଲି। ପ୍ରଥମେ ମୋ ପୁଅ ହାତରେ ଦରମାତକ ଧରେଇ ଦେଇ କହିଲି ନେ ତୋ ଖୁସିର ପାଉଣା। ଟଙ୍କାର ମୂଲ୍ୟ ସେତେବେଳେ ସିଏ କିଛି ନବୁଝିଲେ ବି ମୋ ଖୁସି ଦେଖି ବେଶ୍ ଖୁସିରେ ମୋତେ ଜାବୁଡ଼ି ଧରିଲା। ତା'ପରେ ଭାଗ କରି ବସିଲି ପ୍ରଥମ ଦରମା ଟଙ୍କାକୁ ପ୍ରକୃତ ହକ୍‌ଦାରମାନଙ୍କ ପାଇଁ। ଆଗେ କିଛି ଟଙ୍କାରେ ସାଇବାବାଙ୍କର ଗୋଟେ ମୂର୍ତ୍ତି କିଣିଲି। ବାପାବୋଉ ଓ ଶ୍ୱଶୁରଙ୍କ ପାଖକୁ କିଛି ଟଙ୍କା ପଠାଇଲି। ପୁଅ ଓ ସ୍ୱାମୀଙ୍କ ପାଇଁ ଖଣ୍ଡେ ଖଣ୍ଡେ ଟି-ସାର୍ଟ ମଧ୍ୟ ଆଣିଲି। ତା'ପରେ ଶିକ୍ଷୟିତ୍ରୀ ପ୍ରମିଳା ମହନ୍ତଙ୍କ ପାଇଁ ମିଠା କିଣି ତାଙ୍କୁ ଦେଖା କରିବାକୁ ବି ଗଲି। ଏସବୁ ପରେ ବି ଆହୁରି କିଛି ଟଙ୍କା ବଳି ପଡିଥିଲା ; ଯେଉଁଥିରୁ ଖଣ୍ଡେ ୫୦୦ ଟଙ୍କାର ନୋଟ୍‌ଟିଏ କାଢି ନିଜ ପାଖରେ ସାଇତି ରଖିଲି, ଏକ ଅପୂର୍ବ ଅନୁଭବକୁ ବାନ୍ଧି ରଖିବାର ପ୍ରୟାସରେ ; ଯାହା ଏଯାବତ୍ ମୋ ପାଖେ ସେମିତି ସାଇତା ହୋଇ ରହିଅଛି।

ସାଥୀ



# ଲାଜୁଆ ହସକୁ ଚୋରା ଚାହାଣୀ, ମହୁ ଠାରୁ ମିଠା ପ୍ରେମ କାହାଣୀ

**ପ୍ରଶ୍ନ**–ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ସେ ମୋତେ କିଛି କହିବାକୁ ଚାହୁଁଛି, ହେଲେ କହିପାରୁ ନାହିଁ। ତା' ମନର କଥା କେମିତି ଜାଣିବି ?

*–ଅଭୟ ନାଥ, ସୁନାବେଡା*

**ଉତ୍ତର :** ଜଣେ ସୁନ୍ଦରୀକୁ ଆପଣ ଅନେକ ଥର ଆଇ ଲଭ୍ ୟୁ କହିସାରିଲେଣି। ହେଲେ କିଛି ଫଳ ମିଳୁନି। ପୁଣି ଉଲ୍ଲେଖ କରିଛନ୍ତି ଯେ ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ଯାହା ଜଣାପଡୁଛି ତାହାର ଚୋରା ଚାହାଣୀରେ ପ୍ରେମର ଅସଲ କଥା ଲୁଚି ରହିଛି। 'ଲାଜୁଆ ହସକୁ ଚୋରା ଚାହାଣୀ, ମହୁ ଠାରୁ ମିଠା ପ୍ରେମ କାହାଣୀ'। ଯାହାକୁ ପ୍ରପୋଜ କରିଛନ୍ତି ତା'ର ମନର କଥା ହୁଏତ ଚାହାଣୀ ମାଧ୍ୟମରେ ଜଣାପଡିପାରେ। ତେଣୁ ସେହି ଚାହାଣୀକୁ ଭଲ ଭାବରେ ପଢ଼ନ୍ତୁ। ନିଶ୍ଚୟ ସେଥିରେ କିଛି ପ୍ରେମର ପହିଲି ପୁଲକ ଲୁଚି ରହିଛି। ଆଉ ଯଦି ସେପଟୁ କିଛି ସିଗନାଲ ପାଉଛନ୍ତି ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସହ ନଖରାମୀ କରୁଛି। ତାକୁ ପ୍ରେମ କରିବା ଠିକ୍ ହେବ କି ?

*–ତପନ ସାହୁ, ବ୍ରହ୍ମପୁର*

**ଉତ୍ତର :** ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ଏହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ଏହାକୁ ହାଲ୍‌କା ଭାବରେ ନେଇଥାଆନ୍ତି। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି, ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା ଲାଗିଥାଏ। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ।

*–ଅମରେନ୍ଦ୍ର ରାଉତ, ଅନୁଗୋଳ*

**ଉତ୍ତର :** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ବର୍ତ୍ତମାନ ଆପଣଙ୍କ ବନ୍ଧୁର ଧର୍ମପତ୍ନୀ। ପୁଣି ଏପରି ସଂଯୋଗ ଯେ ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଆପଣ ବନ୍ଧୁଙ୍କ ପତ୍ନୀଙ୍କୁ ପ୍ରେମ କରି ଆଗକୁ ଆଗାନ୍ତି ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯାହାକୁ ସାମନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ। ଏଭଳି ଭାବନା ଆପଣଙ୍କ ମନରୁ ଯେତେ ଶୀଘ୍ର ପୋଛି ଦେବେ ଆପଣ ସେତେ ଶୀଘ୍ର ଟେନସନ୍ ଫ୍ରି ହୋଇଯିବେ।

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*–ପ୍ରକାଶ କୁମାର, ପୁରୀ*


**ଉତ୍ତର :** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବାର୍ତ୍ତା ଭିତରେ ତାହାର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

# ଇୟର୍ ପିୟରସିଂ

**ଇୟର୍ ପିୟରସିଂର ଫ୍ୟାଶନ କେବେ ବି ଆଉଟ୍ ଡେଟେଡ୍ ହୁଏ ନାହିଁ। ଏବେ ତ ପୁଣି ମଲ୍ଟିପୁଲ୍ ଇୟର୍ ପିୟରସିଂର ଖୁବ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି; ଯେଉଁଥିରେ ଯୁବପିଢ଼ିମାନେ କାନର ଏକାଧିକ ସ୍ଥାନରେ ପିୟରସିଂ କରି ଡିଫରେଣ୍ଟ ଲୁକ୍ ପାଇ ପାରୁଛନ୍ତି। ତେବେ ଏହି ଟାଇପ୍‌ର ଇୟର୍ ପିୟରସିଂରେ କ'ଣ ସବୁ ଲାଟେଷ୍ଟ ଡିଜାଇନ୍ ରହିଛି ଜାଣନ୍ତୁ ସେ ସମ୍ପର୍କରେ...**











ପିୟରସିଂର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି। ଟିକେ ଡିଫରେଣ୍ଟ ଲୁକ୍ ପାଇବା ପାଇଁ ଆଜିକାଲିର ମଡର୍ଣ୍ଣ ଯୁବତୀମାନେ ଶରୀରର ବିଭିନ୍ନ ଅଙ୍ଗ ଯେମିତିକି କାନ, ନାକ, ଓଠ, ଆଇବ୍ରୋ ତଥା ନାଭି ଆଦିରେ ପିୟରସିଂ କରାଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଏସବୁ ଭିତରୁ ଇୟର୍ ପିୟରସିଂର କଥା ହିଁ କିଛି ନିଆରା। କେହି କେହି ତ ଏବେ କାନରେ ମଲ୍ଟିପୁଲ୍ ଇୟର୍ ପିୟରସିଂ ବି କରାଉଥିବା ନଜର ଆସୁଛି ; ଯାହା ଦେଖିବାକୁ ଖୁବ୍ ଟ୍ରେଣ୍ଡି ଲାଗୁଛି। ତେବେ ଏହି ମଲ୍ଟିପଲ୍ ଇୟର୍ ପିୟରସିଂ କ'ଣ ଆଉ ଏହାର ଲାଟେଷ୍ଟ ଡିଜାଇନ୍ ସବୁ କ'ଣ ରହିଛି ଜାଣନ୍ତୁ ସେ ସମ୍ପର୍କରେ...

**ଇୟର୍ ପିୟରସିଂ କେତେ ପ୍ରକାରର:** ମୁଖ୍ୟତଃ କାନର ଏକାଧିକ ସ୍ଥାନରେ କାନ ଫୋଡିବାକୁ ମଲ୍ଟିପୁଲ୍ ଇୟର୍ ପିୟରସିଂ କୁହାଯାଇଥାଏ। ଫ୍ୟାଶନ ଦୁନିଆରେ ପ୍ରାୟ ୧୬ ପ୍ରକାରର ଇୟର୍ ପିୟରସିଂ ହେଉଥିବାର ସୂଚନା ରହିଛି। ଯଥା: ଷ୍ଟାଣ୍ଡାର୍ଡ ଲୋବ୍ ଇୟର୍ ପିୟରସିଂ, ଡେଥ୍ ପିୟରସିଂ, ହେଲିକ୍ସ ପିୟରସିଂ, ଫରୱାର୍ଡ ହେଲିକ୍ସ ପିୟରସିଂ, ଟ୍ରାଗୁସ୍ ପିୟରସିଂ, ଆଣ୍ଟି- ଟ୍ରାଗୁସ୍ ପିୟରସିଂ, କୋଞ୍ଚ ପିୟରସିଂ, ଇନର୍ କୋଞ୍ଚ ପିୟରସିଂ, ଆଉଟର୍ କୋଞ୍ଚ ପିୟରସିଂ, ଇଣ୍ଡଷ୍ଟ୍ରିଆଲ୍ ପିୟରସିଂ, ହାଇ-ଲୋବ୍ ପିୟରସିଂ, ରକ୍ ପିୟରସିଂ, ମିଡ୍ ହେଲିକ୍ସ ପିୟରସିଂ, ସଙ୍ଗ୍ ପିୟରସିଂ, ଅରବିଟାଲ୍ ପିୟରସିଂ, ମଲ୍ଟିପୁଲ୍-ଲୋବ୍ ପିୟରସିଂ ଇତ୍ୟାଦି।

ତେବେ ଏସବୁ ଭିତରୁ ମୁଖ୍ୟତଃ ମଲ୍ଟିପୁଲ୍-ଲୋବ୍, ଇଣ୍ଡଷ୍ଟ୍ରିଆଲ୍, କୋଞ୍ଚ, ହେଲିକ୍ସ, ଡେଥ୍ ତଥା ଫରୱାର୍ଡ-ହେଲିକ୍ସ ଇୟର୍ ପିୟରସିଂର ଖୁବ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି।

*** ମଲ୍ଟିପୁଲ୍-ଲୋବ୍ ଇୟର୍ ପିୟରସିଂ:** ଏହି ଷ୍ଟାଇଲ୍‌ର ଇୟର୍ ପିୟରସିଂ ଯୁବତୀଙ୍କୁ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ଦେଇଥାଏ। ଏଥିରେ ମୁଖ୍ୟତଃ ୩/୪ଟି ଲୋବ୍‌କୁ କାନରେ ପାଖାପାଖି ଫୋଡାଯାଇଥାଏ। ମୁଖ୍ୟତଃ ରାଉଣ୍ଡ ଶେପ୍‌ର ହୋଇଥିବା ଏହି ଲୋବ୍‌ରେ ଯୁବତୀ ଚାହିଁଲେ ଛୋଟ ଛୋଟ ଝୁମ୍‌କା ଓହଳାଇ ମଧ୍ୟ କାନକୁ ଆଉ କିଛି ଭିନ୍ନ ଲୁକ୍ ଦେଇପାରିବେ।

***ଇଣ୍ଡଷ୍ଟ୍ରିଆଲ୍ ଇୟର୍ ପିୟରସିଂ:** ଏହି ପିୟରସିଂକୁ କରିବା ଟିକେ କଷ୍ଟଦାୟକ ହୋଇଥାଏ। କାନର ଉପରି ଭାଗରେ ଲମ୍ବା କରି ଫୋଡା ଯାଉଥିବା ଏହି ପିୟରସିଂର ଆରୋ ଶେପ୍ ଡିଜାଇନ୍‌କୁ ଯୁବତୀମାନେ ଅଧିକ ପସନ୍ଦ କରିଥାନ୍ତି।

***କୋଞ୍ଚ ଇୟର୍ ପିୟରସିଂ:** ମୁଖ୍ୟତଃ ଷ୍ଟଡ୍ ଷ୍ଟାଇଲ୍‌ରେ ଆସୁଥିବା ଇୟର୍ ରିଂକୁ କାନର ଠିକ୍ ମଝି ସ୍ଥାନରେ ଲଗାଇ ଏହି ପିୟରସିଂ କରାଯାଇଥାଏ।

*** ହେଲିକ୍ସ ଇୟର୍ ପିୟରସିଂ:** ଏହାକୁ ମୁଖ୍ୟତଃ କାନର ଉପରି ଭାଗରେ କରାଯାଇଥାଏ। ଏଥିରେ ଯୁବତୀ ଚାହିଁଲେ ଷ୍ଟୋନର ଷ୍ଟଡ୍ ଲଗାଇ ଡିଫରେଣ୍ଟ ଲୁକ୍ ପାଇପାରିବେ।

*** ଡେଥ୍ ଇୟର୍ ପିୟରସିଂ:** କାନର ମଝି ଭାଗରେ ରିଙ୍ଗ୍ ଶେପ୍‌ର କାନଫୁଲ ଲଗାଇବାକୁ ଡେଥ୍ ଇୟର୍ ପିୟରସିଂ କୁହାଯାଇଥାଏ। କେହି କେହି ଏହି ସ୍ଥାନରେ ଷ୍ଟୋନ ହୁପ୍ ଲଗାଇ ବି ଟ୍ରେଣ୍ଡି ଲୁକ୍ ପାଇଥାନ୍ତି।

*** ଫରୱାର୍ଡ ହେଲିକ୍ସ ଇୟର୍ ପିୟରସିଂ:** ଏହାକୁ କାନର ପୁରା ଉପରି ଭାଗରେ କରାଯାଇଥାଏ। ଏହି ସ୍ଥାନରେ ବି ଷ୍ଟୋନ ଷ୍ଟଡ୍ ଲଗାଇଲେ ବେଶ୍ ସୁନ୍ଦର ଦେଖାଯାଇଥାଏ।

# ମଡେଲ୍ ମିରର୍



ସୋନାଲି

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ-ମିଟୁ ଫ୍ୟାଶନ ଫଟୋଗ୍ରାଫି**

# ହାଃ ହାଃ

## ମାଛି

ରୋହିତ କଲେଜ୍‌ରୁ ଶୀଘ୍ର ଚାଲି ଆସିବା ଦେଖି ମା': ତୁ କ'ଣ ଆଜି ଜଲ୍‌ଦୀ ପଳେଇ ଆସିଲୁ ?
ରୋହିତ: ମୁଁ କ୍ଲାସ୍‌ରେ ଗୋଟେ ମାଛି ମାରି ଦେଲି ତ ମ୍ୟାଡମ୍ ମତେ ତଡ଼ିଦେଲେ।
ମା' : କ'ଣ ମାଛି ମାରିବାରୁ ତଡ଼ିଦେଲେ ! ହେଲେ କାହିଁକି ?
ରୋହିତ: ସେ ମାଛି ମ୍ୟାଡମ୍‌ଙ୍କ ଗାଲରେ ବସିଥିଲା।

## ହୋମ୍‌ୱାର୍କ

ଶିକ୍ଷକ ଚିଣ୍ଟୁକୁ: ତୁ ହୋମ୍‌ୱାର୍କ କାହିଁକି କରିନୁ ?
ଚିଣ୍ଟୁ: ସାର୍, କାଲି ରାତିରେ ମୁଁ ପଢ଼ିବା ପାଇଁ ବସୁ ବସୁ ଲାଇଟ୍ ପଳେଇଲା।
ଶିକ୍ଷକ: ଲାଇଟ୍ ଆସିବା ପରେ କଲୁନୁ।
ଚିଣ୍ଟୁ: ମତେ ଡ଼ର ଲାଗିଲା ଯେ, କାଳେ ଆଉ ଥରେ ବହି ଖୋଲୁ ଖୋଲୁ ଲାଇଟ୍ ପଳେଇବ।

## ନେଉଛ

କଂସେଇ ଏକ ଛେଳିକୁ କାଟିବା ପାଇଁ ନେଉଥାନ୍ତି। ଛେଳିଟି ଟାଣି ହେବା ସହ ମେଁ ମେଁ ଚିଲାଉଥାଏ। ଏହା ଦେଖି ଏକ ପିଲା: ତମେ ଏ ଛେଳିକୁ କୁଆଡ଼େ ନେଉଛ ?
କଂସେଇ: ଯାକୁ ମୁଁ କାଟିବାକୁ ନେଉଛି।
ପିଲା: ଓଃ ମୁଁ ଭାବିଲି ସ୍କୁଲ ନେଉଛ ବୋଲି।

# ଗଙ୍ଗୋତ୍ରୀ ଜାତୀୟ ଉଦ୍ୟାନ










**ଉତ୍ତରାଖଣ୍ଡର ଉତ୍ତରକାଶି ଜିଲାରେ ଥିବା ଗଙ୍ଗୋତ୍ରୀ ଜାତୀୟ ଉଦ୍ୟାନ ହେଉଛି ସ୍ଥାନୀୟ ଏକ ବନ୍ୟପ୍ରାଣୀ ଅଭୟାରଣ୍ୟ। ପ୍ରାୟ ୨୩୯୦ ବର୍ଗ କି.ମି ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢି ଉଠିଥିବା ଏହି ଅଭୟାରଣ୍ୟରେ ପର୍ଯ୍ୟଟକ ବିଭିନ୍ନ ପ୍ରଜାତିର ପଶୁପକ୍ଷୀଙ୍କୁ ଦେଖିବା ସହିତ ଟ୍ରେକିଂ ଓ ଜଙ୍ଗଲ ସଫାରୀର ମଜା ମଧ୍ୟ ନେଇପାରିବେ...**

ଗଙ୍ଗୋତ୍ରୀ ଜାତୀୟ ଉଦ୍ୟାନ ହେଉଛି ଉତ୍ତରାଖଣ୍ଡସ୍ଥିତ ଏକ ବନ୍ୟପ୍ରାଣୀ ଅଭୟାରଣ୍ୟ। ୧୯୮୯ ମସିହାରେ ଗଢି ଉଠିଥିବା ଏହି ଅଭୟାରଣ୍ୟରେ ପର୍ଯ୍ୟଟକ ନାନା କିସମର ବୃକ୍ଷଲତା ସହ ବହୁ ବିରଳ ପଶୁପକ୍ଷୀଙ୍କୁ ଦେଖିପାରିବେ। ପାହାଡ, ପର୍ବତ ଘେରା ଏହି ସ୍ଥାନରେ ଟ୍ରେକିଂ କରି ନିଜର ଏହି ଯାତ୍ରାକୁ ଅଧିକ ରୋମାଞ୍ଚକର ମଧ୍ୟ କରିପାରିବେ। ବନ୍ୟ ଜୀବଜନ୍ତୁଙ୍କୁ ଦେଖିବା ସାଙ୍ଗକୁ ପାର୍କର ସୌନ୍ଦର୍ଯ୍ୟକୁ ଉପଭୋଗ କରି ଖୁବ୍ ସୁନ୍ଦର ସୁନ୍ଦର ଫଟୋ ବି ଉଠାଇପାରିବେ। ସାଙ୍ଗସାଥୀ ହେଉ ଅବା ପରିବାର ଲୋକଙ୍କ ସଙ୍ଗେ ନିରୋଳାରେ ଛୁଟି କଟାଇବା ପାଇଁ ଏହା ଏକ ପରଫେକ୍ଟ ଡେଷ୍ଟିନେଶନ କହିଲେ ଭୁଲ୍ ହେବନାହିଁ।

### କ'ଣ ଦେଖିବେ

ଗଙ୍ଗୋତ୍ରୀ ଜାତୀୟ ଉଦ୍ୟାନରେ ମୁଖ୍ୟତଃ ସ୍ନୋ ଲିଓପାର୍ଡ ଦେଖାଯାଇଥାନ୍ତି। ତା'ସହିତ କଳା ରଙ୍ଗର ଭାଲୁ, ମାଟିଆ ରଙ୍ଗର ଭାଲୁ, କସ୍ତୁରୀ ମୃଗ, ବ୍ଲୁଶିପ୍, ହିମାଳୟାନ୍ ତହର୍ ଆଦି ପଶୁ ବି ଏଠାରେ ଦେଖିବାକୁ ମିଳିଥାନ୍ତି। ଏହାଛଡ଼ା ପ୍ରାୟ ୧୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ବି ଏଠାରେ ରହୁଥିବା ସୂଚନା ରହିଛି। ଅନ୍ୟପକ୍ଷେ ଏହି ଅଭୟାରଣ୍ୟରେ ବହୁ ପରିମାଣରେ ବନସ୍ପତି ବୃକ୍ଷ ବି ଥିବାର ଦେଖିବାକୁ ମିଳେ। ମୁଖ୍ୟତଃ ଦେବଦାରୁ, ଓକ୍, ସ୍ପ୍ରୁସ୍ ନାମକ ଗଛ ଏଠାରେ ଟିକେ ଅଧିକ ପରିମାଣରେ ଦେଖାଯାଇଥାଏ। କହିବାକୁ ଗଲେ ପ୍ରକୃତିପ୍ରେମୀଙ୍କ ପାଇଁ ଏହି ସ୍ଥାନଟି କୌଣସି ସ୍ୱର୍ଗଠାରୁ କମ୍ ନୁହେଁ।

### ଟ୍ରେକିଂ ଓ ସଫାରିର ମଜା ନିଆରା

ଏହି ଜାତୀୟ ଉଦ୍ୟାନରେ ପର୍ଯ୍ୟଟକ କେବଳ ଟ୍ରେକିଂ କରିବେ ତାହା ନୁହେଁ ଜିପ୍ ସଫାରିର ମଧ୍ୟ ଭରପୂର ମଜା ନେଇପାରିବେ। ଏଥିସହିତ ଏଠାରେ ପର୍ବତାରୋହଣ, ହ୍ୟାଙ୍ଗ୍ ଗ୍ଲାଇଡିଂ, ପାରାଗ୍ଲାଇଡିଂ ଭଳି ଦୁଃସାହସିକ କ୍ରୀଡ଼ା ପାଇଁ ବି ଭରପୂର ସୁବିଧା ସୁଯୋଗ ରହିଛି। ଖାସ୍ ଏହିସବୁ କାରଣ ପାଇଁ ଦୁଃସାହସିକ କ୍ରୀଡ଼ାରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କର ଏଠାରେ ବେଶ୍ ଭିଡ ପରିଲକ୍ଷିତ ହୋଇଥାଏ।

### କେବେ ଓ କେମିତି ଯିବେ


ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ମାର୍ଚ୍ଚରୁ ଜୁଲାଇ ହେଉଛି ଏଠାକୁ ବୁଲିଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। କାରଣ ଶୀତଦିନେ ଏଠାରେ କୁଆଡ଼େ ଭୀଷଣ ଶୀତ ଅନୁଭୂତ ହୁଏ। ତା'ଛଡ଼ା ପାହାଡିଆ ଅଞ୍ଚଳରେ ଏହି ଅଭୟାରଣ୍ୟଟି ଥିବାରୁ ବର୍ଷାଦିନେ ଏଠାକୁ ବୁଲିଯିବା ମଧ୍ୟ ବିପଦସଙ୍କୁଳ ହୋଇଥାଏ। ସେହି ଦୃଷ୍ଟିରୁ ଦେଖିଲେ ଖରାଦିନ ହେଉଛି ଏଠାକୁ ବୁଲିଯିବା ପାଇଁ ଭଲ ସମୟ। ଜୁଲାଇ ମାସରେ ବି ଏଠାକାର ପାଗ ପ୍ରାୟତଃ ଶୁଖିଲା ରହୁଥିବାରୁ ଏହି ସମୟରେ ବି ଏଠାକୁ ବୁଲି ଯାଇହେବ। ସେହିପରି ଏଠାକୁ ଯିବାପାଇଁ ନିକଟତମ ବିମାନବନ୍ଦର ଓ ରେଳଷ୍ଟେଶନ ହେଉଛି ଡେରାଡୁନ୍। ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ଯୋଗେ ବି ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଆସିପାରିବେ।

### ଜରୁରୀ ଜାଣିବା କଥା

-ଏହି ଜାତୀୟ ଉଦ୍ୟାନଟି ପର୍ଯ୍ୟଟକଙ୍କ ନିମନ୍ତେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିଥାଏ। ପର୍ଯ୍ୟଟକଙ୍କୁ ଏଣ୍ଟ୍ରି ଟିକେଟ୍ କାଟି ଏହା ମଧ୍ୟକୁ ପ୍ରବେଶ କରିବାକୁ ହୋଇଥାଏ।

-ପର୍ଯ୍ୟଟକ ମୁଖ୍ୟତଃ ଟ୍ରେକିଂ ପ୍ରିୟ ପର୍ଯ୍ୟଟକମାନେ ଏହି ଉଦ୍ୟାନ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ନିଜ ସାଙ୍ଗରେ ଟ୍ରେକିଂ ଶୁଜ୍, ପର୍ଯ୍ୟାପ୍ତ ପାଣି, ଟୋପି, ଚଷମା ତଥା ଖାଦ୍ୟ ପଦାର୍ଥ ଆଦି ନେଇକି ଯିବା ନିହାତି ଜରୁରୀ।





# ସୁନାର କଥା



**ସୁନାର ନାଁ ଶୁଣିଲେ ଆଖିରେ ଆପେ ଆସିଯାଏ ଚମକ୍। ଗହଣାଠୁ ଆରମ୍ଭ କରି ଔଷଧ, ଖାଦ୍ୟ ଓ ପାନୀୟରେ ବ୍ୟବହାର କରାଯାଉଥିବା ଏହି ସୁନା କାହିଁ କେବେଠୁ ମଣିଷ ଜୀବନର ଏକ ପ୍ରମୁଖ ଅଙ୍ଗ ପାଲଟିଛି। ସେଇ ସୁନା ସମ୍ପର୍କରେ କିଛି...**

*ପୃଥିବୀ ନିର୍ମାଣ ହେବା ପରେ ପ୍ରାୟ ୨୦୦ ମିଲିୟନ ବର୍ଷ ପୂର୍ବେ ଉଲ୍‌କାପିଣ୍ଡଗୁଡ଼ିକ ପୃଥିବୀରେ ବାଡେଇ ହେବା ଯୋଗୁ ପୃଥିବୀରେ ସୁନା ଆସିଥିବା କୁହାଯାଏ। ସୁନା ହେଉଛି ଏକ କେମିକାଲ ଏଲିମେଣ୍ଟ ଯାହାର ସିମ୍ବଲ Au। ଯାହାକି ସୁନାର ଲାଟିନ ନାମ 'ଅରମ୍'ରୁ ଆସିଛି। ଏହାର ଅର୍ଥ 'ଗ୍ଲୋ ଅଫ୍ ସନ୍‌ରାଇଜ୍'।

*ସୁନା ହେଉଛି ଏକମାତ୍ର ଧାତୁ ଯାହାର ବର୍ଣ୍ଣ ହଳଦିଆ ବା ସୁବର୍ଣ୍ଣ। ଅନ୍ୟ ଧାତୁ ହଳଦିଆରଙ୍ଗରେ ପରିବର୍ତ୍ତିତ ହୋଇପାରନ୍ତି, କିନ୍ତୁ କେବଳ ସେତେବେଳେ ଯେବେ ତାହା ଅମ୍ଳିକୃତ ହୁଏ ଅବା ଅନ୍ୟ କୌଣସି ରସାୟନ ସହ ମିଶେ।

*ସୁନା ବେଶ୍ ନମନୀୟ। ୨୮ ଗ୍ରାମ ସୁନାକୁ ୮ କି.ମି. ଲମ୍ବ ତାରର ରୂପ ଦିଆଯାଇପାରେ। ସେହିଭଳି ୨୮ ଗ୍ରାମ ସୁନାକୁ ପିଟି ପିଟି ୩୦୦ ବର୍ଗ ଫୁଟର ପତଳା ସିଟ୍‌ରେ ରୂପାନ୍ତରିତ କରାଯାଇପାରେ। ଏମିତିକି ସୁନାକୁ ପିଟି ପିଟି ପାରଦର୍ଶୀ ପତଳା ସିଟ୍‌ରେ ରୂପାନ୍ତରିତ କରିହେବ।

*ସୁନା କିନ୍ତୁ ଆଦୌ ବିଷାକ୍ତ ହୋଇ ନ ଥାଏ। ତେଣୁ ଗୋଲ୍ଡ ଫ୍ଲେକ୍‌କୁ ଖାଦ୍ୟ ଓ ପାନୀୟରେ ବ୍ୟବହାର କରାଯାଏ।

* ସୁନାକୁ ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ୱାୟରିଂ, ଡେଣ୍ଟିଷ୍ଟ୍ରି, ମେଡିସିନ୍, ରେଡିଏସନ୍ ଶିଲ୍ଡିଂ ଆଦିରେ ବି ବ୍ୟବହାର କରାଯାଇଥାଏ।

*ସୁଦ୍ଧ ସୁନା ସୁଗନ୍ଧ ଓ ସ୍ୱାଦ ବିହୀନ ହୋଇଥାଏ।

*ଏଫ୍୧ କାର୍‌ର ଇଞ୍ଜିନ ସୁନାରେ ତିଆରି ହୋଇଥାଏ। ମାକ୍‌ଲରେନସ୍‌ଙ୍କର ଆଇକୋନିକ୍ ଏଫ୍୧ର ଇଞ୍ଜିନରେ ୧୬ ଗ୍ରାମର ସୁନା ବ୍ୟବହାର ହୋଇଥାଏ।

*୧୯୧୨ ପର୍ଯ୍ୟନ୍ତ ଅଲିମ୍ପିକ ଗୋଲ୍ଡ ମେଡାଲ ଖାଣ୍ଟି ସୁନାରେ ତିଆରି ହେଉଥିଲା। ହେଲେ ଏବେ ଅତିକମ୍‌ରେ ୯୨% ରୁପା ଓ ୬ ଗ୍ରାମ ସୁନା ରହୁଛି।

*ଏଯାବତ୍ ୧୯୦,୦୦୦ଟନ୍ ଭୂତଳ ସୁନା ଖଣିରୁ ଖନନ୍ ହୋଇ ସାରିଛି। ଏବେ କେବଳ ୫୦,୦୦୦ ଟନ୍ ଭୂତଳ ସୁନା ସାରା ପୃଥିବୀରେ ଅଛି। ତେଣୁ ଏହାର ଦାମ ଦିନକୁ ଦିନ ବଢ଼ିବାରେ ଲାଗିଛି।






# ଏମିତି ୱିଗ୍ ଦେଖି ନ ଥିବେ

**କେ**ଶ୍‌ରେ ୱିଗ୍ ବା ନକଲି କେଶ ଅନେକେ ଲଗାନ୍ତି। କୌଣସି ରୋଗ ଯୋଗୁ କେଶ ଉପୁଡ଼ି ଯାଇଥିଲେ ଅବା ସୁନ୍ଦରତା ପାଇଁ ବି ଅନେକେ ୱିଗ୍ ବ୍ୟବହାର କରନ୍ତି। ତେବେ ଜାଣନ୍ତି କି ଦାନି ରେନୋଲ୍ଡସ୍ ତିଆରି କରିଛନ୍ତି ପୃଥିବୀର ସବୁଠାରୁ ବଡ଼ ଓ ଓସାରିଆ ୱିଗ୍। ଯାହାର ଓସାର ୮ ଫୁଟ୍ ୬ ଇଞ୍ଚ ଅଟେ। ଉକ୍ତ ୱିଗ୍‌କୁ ତିଆରି କରିବା ଲାଗି ଦାନି ଓ ତାଙ୍କ ସହକର୍ମୀ ମେଗ୍ ୱିଲସନ୍‌ଙ୍କୁ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ଲାଗିଥିଲା। ଆଉ ଖର୍ଚ୍ଚ ହୋଇଥିଲା ୪୦୦୦ ଡଲାର। ଦାନିଙ୍କୁ ଏହି ୱିଗ୍ ତିଆରି କରିବାରେ ଚ୍ୟାଲେଞ୍ଜ ଥିଲା ଯେ, ୱିଗ୍‌ଟି କିଭଳି ପିନ୍ଧୁଥିବା ବ୍ୟକ୍ତିଙ୍କ ମୁଣ୍ଡରେ ଭାରସାମ୍ୟ ରକ୍ଷା କରି ରହିବ ଓ ତାଙ୍କୁ ଏହାର ଓଜନ ଯୋଗୁ କଷ୍ଟ ନ ହେବ। ତେଣୁ ଏହାକୁ ତିଆରି କରିବାବେଳେ ଏହାର ସପୋର୍ଟ ଷ୍ଟ୍ରକ୍ଚର୍ ପାଇଁ ହେଲମେଟ୍, ପିଭିସି ପାଇପ୍, ପୁଲ୍ ନୁଡଲ୍ସ, କେବଲ ଟାଇସ୍ ଓ ଆଲୁମିନିୟମ ରଡ୍ ଆଦିକୁ ବ୍ୟବହାର କରିଥିଲେ। ଆଉ ଏହି ବଡ଼ ୱିଗ୍‌କୁ ସଫଳଭାବେ ତିଆରି କରିଥିଲେ।





## କଥା ଚାଟ୍

# ଗୋପନରେ କୋଳାକୋଳି

–ଓଁ ଅଭିଜ୍ଞାନ ସାହୁ

ନିକଟରେ ଘୋଷିତ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଓଡ଼ିଶା ପାଇଁ କାହାକୁ ନ ଦିଆଯିବା ଖବର ସ୍ୱାଭିମାନି ଓଡ଼ିଆ ସାହିତ୍ୟିକମାନଙ୍କୁ ବହୁ ମାତ୍ରାରେ କ୍ଷୁବ୍ଧ କରିଛି। ଭାରତର ଅନ୍ୟତମ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ଓଡ଼ିଆ ଭାଷା ପାଇଁ ପୁରସ୍କାରକୁ ବାତିଲ କରିଦେବା ଜାତୀୟ ସ୍ତରରେ ଓଡ଼ିଆ ଭାଷାକୁ ଅପମାନିତ କରାଯାଇଛି ବୋଲି ଅଭିଯୋଗ ହେଉଛି। କାରଣ ବୋଲି ଯାହା ଶୁଣୁଛୁ ତାହା ହେଲା ଚୟନକର୍ତ୍ତା ମନୋନୀତ ପ୍ରତିଭାଙ୍କ ନାମ କାଳେ ଆଗୁଆ ପ୍ରକାଶ କରିଦେଲେ। ଏଥିସହ ଆଉ ଏକ ଅଭିଯୋଗ ଶୁଣିବାକୁ ମିଳୁଛି ଯେ ପୁରସ୍କାର ପାଇଁ ଜଣେ ଆଶାୟୀ ଯୁବ ସାହିତ୍ୟିକ ଜଣେ ବିଚାରକଙ୍କ ସହ କିଛି ଆର୍ଥିକ ମୂଲଚାଲ କରିଥିଲେ। ପସନ୍ଦ ଅନୁଯାୟୀ ହିସାବ ନ ଛିଣ୍ଡିବାରୁ ଆଶାୟୀ ଜଣକ ଏକାଡେମୀର ଅଧିକାରୀଙ୍କ ପାଖରେ ପୁରସ୍କାର ପାଇଁ ପ୍ରିୟାପ୍ରୀତି ହୋଇଥିବାର ଅଭିଯୋଗ କଲେ। ଦୁଇଟି ଅଭିଯୋଗ ଭିତରୁ ଯେଉଁଟି ସତ୍ୟ ହୋଇଥାଉ ନା କାହିଁକି ଅଯଥା ବିବାଦ ଭିତରକୁ ଯିବା ପାଇଁ ସରକାରୀ ସଂସ୍ଥା ଉଚିତ ମନେ କଲେନାହିଁ। ''ମୂଲୁମାଇଲେ ଯିବ ସରି ଦେବତା ସଙ୍ଗେ କିମ୍ପା କଳି'' ନ୍ୟାୟରେ ଚଳିତବର୍ଷ ଓଡ଼ିଆ ଭାଷା ପାଇଁ ଯୁବ ପୁରସ୍କାରକୁ ବାତିଲ କରିଦେଲେ। ବାସ୍ ତା'ପରେ ଯାହା ହେବା କଥା ତାହା ହିଁ ହେଲା। ସାହିତ୍ୟପ୍ରାଣମାନଙ୍କ ରକ୍ତ ଟକମକ ଫୁଟିବା ଆରମ୍ଭ ହେଲା। ଆମ ଓଡ଼ିଆ ଭାଷାର ଅସ୍ମିତା ତଥା ଓଡ଼ିଶାର ସ୍ୱାଭିମାନକୁ ଅପମାନିତ କରାଯାଇଛି ବୋଲି ବିଭିନ୍ନ ଗଣ ମାଧ୍ୟମ ଉଠିଲା ପଡିଲା। ଏ ଦୁଃଖଦ ଘଟଣା ଭିତରେ ଯାହା ମୋତେ ସାମାନ୍ୟ ଆଶ୍ୱସ୍ତ କଲା ତାହା ହେଲା ମୋ ଫେସବୁକ୍ ବନ୍ଧୁମାନଙ୍କ ଭିତରେ ଏତେ ସଂଖ୍ୟକ ସ୍ୱାଭିମାନୀ ସାହିତ୍ୟିକ ଲୁକ୍କାୟିତ ଥିଲେ ; ଯାହା ମୋତେ ଅଗୋଚର ଥିଲା। କେହିଜଣେ ମହାପୁରୁଷ କହିଥିଲେ ଜଣେମାତ୍ର ସଚ୍ଚୋଟ ମାତୃଭୂମି ପ୍ରେମୀ ସମାଜରେ ଏକ ବିରାଟ ବୈପ୍ଳବିକ ପରିବର୍ତ୍ତନ ଆଣିପାରେ। ଏଠି ତ ଶହ ଶହ ସଚ୍ଚୋଟ ସ୍ୱାଭିମାନି ସାହିତ୍ୟିକ। ଏଥିମଧ୍ୟରୁ ଅନେକ ଭାଷା ସାହିତ୍ୟର ମାନ ସମ୍ମାନ ପାଇଁ ଶେଷ ରକ୍ତବିନ୍ଦୁ ଦେବା ପାଇଁ ମଧ୍ୟ ଘୋଷଣା କରିସାରିଲେଣି। ଯେଉଁମାନେ ଦିନକୁ ଦିନ ସାହିତ୍ୟରେ ମୂଲ୍ୟବୋଧ ଓ ପ୍ରତିବଦ୍ଧତାର ଅବକ୍ଷୟ ଘଟୁଛି ବୋଲି ପ୍ରବଚନ ଦେଉଛନ୍ତି ସେମାନଙ୍କୁ ଏହା ଶକ୍ତ ଚାପଡା ସଦୃଶ୍ୟ। ଯଦି ସେମାନେ ଫେସବୁକ୍‌କୁ ଆସି ଦେଖନ୍ତେ ତେବେ ଜାଣିପାରନ୍ତେ ଆମ ସାହିତ୍ୟିକମାନେ କେବଳ ସାହିତ୍ୟ ପ୍ରତି ପ୍ରତିବଦ୍ଧ ନୁହନ୍ତି ବରଂ ସାହିତ୍ୟ ତଥା ସାହିତ୍ୟିକଙ୍କ ସ୍ୱାଭିମାନ ପାଇଁ ପ୍ରତିଶ୍ରୁତିବଦ୍ଧ। ଏତେଦିନ ଧରି ଅନୁଜମାନଙ୍କୁ ନୀତିବାଣୀ ଶୁଣଉଥିବା ପ୍ରବଚକମାନେ ସତରେ ଗୁରୁଗାଲୁଆ ଥିଲେ ଏଥିରେ ଆଉ ଦ୍ୱିମତ ନାହିଁ । ସବୁଠୁ ଉଲ୍ଲେଖନୀୟ ହେଲା ଏହି ଏକାଡେମୀ ଘଟଣା ସାହିତ୍ୟର ସବୁ ବିଭାଗର ସହିତ୍ୟିକର୍ମୀମାନଙ୍କୁ ଏକାଠି କରିପାରିଛି। କି ରୀତିକବି କି ବିପ୍ଳବୀ କବି, କି ବାମାବାଦୀ କି ଦାମାବାଦୀ, କି ହାସ୍ୟ ସାହିତ୍ୟିକ କି କାନ୍ଦୁରା ସାହିତ୍ୟିକ, ଅଗ୍ରଜ ଅନୁଜ ଗୋଷ୍ଠୀବାଦ ନିର୍ବିଶେଷରେ ସମସ୍ତଙ୍କ ସ୍ୱର ଆଜି ଏକ । ଅତୀତରେ ଚଞ୍ଚକତା କରି ଏକାଡେମୀ ପୁରସ୍କାର ହାତେଇଥିବା ଜଣେ ପ୍ରତିଷ୍ଠିତ ସାହିତ୍ୟିକଙ୍କୁ ସର୍ବସାଧାରଣରେ ଭର୍ତ୍ସନା କରିଥିବା ଆଉ ଜଣେ ଛିଦ୍ରନ୍ୱେଷୀ ଆଜି ସେହି ପ୍ରତିଷ୍ଠିତ ସାହିତ୍ୟିକଙ୍କ ଏକାଡେମୀ ବିଚାରକଙ୍କ ମୂଲ୍ୟବୋଧ ଉପରେ ଲେଖିଥିବା ଏକ ସୁଦୀର୍ଘ ରଚନାରେ ଭାବପ୍ରବଣ ମନ୍ତବ୍ୟ ଦେବା ଏହାର ବଳିଷ୍ଠ ପ୍ରମାଣ।

ଯାହା ଦେଖାଯାଉଛି କିଛି ଚିର ପରିଚିତ ଆଜୀବନ ଛିଦ୍ରାନ୍ୱେଷୀମାନଙ୍କୁ ଏହା ବିଶେଷ ଭାବେ ଆହତ କରିଛି। ପ୍ରତିଥର ପୁରସ୍କାର ଘୋଷଣା ପରେ ଏହା ପଛରେ ଥିବା ଅନୈତିକ ରୋଚକ ତଥ୍ୟକୁ ଉଜାଗର କରି ସମସ୍ତଙ୍କୁ ଚମକେଇ ଦେବାର ଯେଉଁ ସୁଯୋଗ ମିଳୁଥିଲା ତା' ଉପରେ ପାଣି ପଡିଯାଇଛି। ଏ ପ୍ରକାରର ପ୍ରଜାତିଙ୍କ ବିଶେଷତ୍ୱ ହେଲା ପୁରସ୍କାର ଘୋଷଣା ହେଲା ପରେ ଯିଏ ବି ପୁରସ୍କୃତ ହୋଇଥାଉ ନା କାହିଁକି ତା' ବିରୁଦ୍ଧରେ ଲେଖିବା ସହ ଏକାଡେମୀ କାହିଁକି ପୁରସ୍କାର ଦେଇ ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛି ବୋଲି ପ୍ରଥମ ପ୍ରଶ୍ନ ଉଠେଇବା। କୌଣସି ପୁରସ୍କାରର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠେଇବା ଏମାନଙ୍କ ଏକଚାଟିଆ ଅଧିକାର ଯେହେତୁ ଏବେ ଏକାଡେମୀ ତା' ଆଡୁ ପୁରସ୍କାର ବାତିଲ କରିବା ହେତୁ ଆଜନ୍ମ ଛିଦ୍ରାନ୍ୱେଷୀ ତାଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଲା ବୋଲି ଭାବୁଛନ୍ତି।

ସେ ଯାହାହେଉ ଏକାଡେମୀ କର୍ତ୍ତୃପକ୍ଷଙ୍କ ତ୍ୱରିତ ଉଦ୍ୟମ ଫଳରେ ନୂତନ ବିଚାରକମାନଙ୍କୁ ନେଇ ଯୁବପୁରସ୍କାର ପାଇଁ ଆଉଥରେ ପ୍ରକ୍ରିୟା ଆରମ୍ଭ ହେବ। ଯାହା ଶୁଣୁଛୁ ଏ ପୁନଃ ପ୍ରକ୍ରିୟାର ଥିମ୍ ହେବ 'ଗୋପନୀୟତା' । ତେଣୁ ପ୍ରଗଳ୍ଭ ସାହିତ୍ୟିକମାନଙ୍କୁ ସମ୍ପୂର୍ଣ୍ଣ ପ୍ରକ୍ରିୟାରୁ ଦୂରରେ ରଖି କେବଳ ଗୋପନବିଦ୍ୟା ବିଶାରଦଙ୍କୁ ଏଥିରେ ସାମିଲ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସବୁ ନାଟର ଗୋବର୍ଦ୍ଧନ ହେଲା ଏହି 'ଗୋପନ' ଜିନିଷ। ଯାହା ଗୋପନ ରହିଲା ତାହା ଶାଶ୍ୱତ। ତେଣିକି ଏହା ଚୋରା ପୀରତି ହେଉ କି ପୁରସ୍କାର ଚୟନ। ଅନ୍ୟପକ୍ଷରେ ଦେଖିବାକୁ ଗଲେ ଏମିତି ମଝିରେ ମଝିରେ କିଛି ଗୋପନ କଥା ପ୍ରଘଟ ହେବା ଉଚିତ। ଏହାଦ୍ୱାରା ସବୁ ସାମାଜିକ ଗଣମାଧ୍ୟମ ଚଳଚଞ୍ଚଳ ହୋଇଯାଆନ୍ତି । କ'ଣ କରାଯିବା ଉଚିତ କ'ଣ କରାଯାଇଥିଲେ ଭଲ ହୋଇଥାନ୍ତା ଇତ୍ୟାଦି ଇତ୍ୟାଦି ଆଲୋଚନା କରନ୍ତି ଯେମିତି ଏକାଡେମୀ ଏମାନଙ୍କ ସହ ଆଗୁଆ ଆଲୋଚନା ନ କରି ମସ୍ତବଡ ଭୁଲ୍ କରିଛି। ଆଉ କିଛି ବିରଳ ପ୍ରଜାତି ଅଛନ୍ତି ସେମାନେ ଆଇଲେ ଦାଣ୍ଡ ଆଡୁ ବୁଝିଲେ ଖମ୍ଭ ଆଳୁ ଭଳି ପୃଥିବୀର ଯେକୌଣସି ପ୍ରସଙ୍ଗ ଉପରେ ନିଜର ସ୍ୱକୀୟ ଶୈଳୀରେ ଶାଳୀନ ଅଶାଳୀନ ଶବ୍ଦ ପ୍ରୟୋଗ କରି ତୁରନ୍ତ ପ୍ରବନ୍ଧ ଲେଖିପାରନ୍ତି। ଏହା ପଛରେ କାହାର ହାତ ଅଛି କେଉଁ ମାନେ ଦୋଷୀ ଓ ତାଙ୍କୁ କି ପ୍ରକାର ଦଣ୍ଡ ଦିଆଯିବା ଉଚିତ ତାହାର ଏକ ଗବେଷଣାତ୍ମକ ଉପସ୍ଥାପନା ରଖନ୍ତି। ଏମାନଙ୍କୁ ଦେଖିଲେ ଲାଗିବ ଯେମିତି ଅନେକ ଦିନ ହେଲା ଏମାନେ ଏହି ଅନୁସନ୍ଧାନ କାମରେ ଲାଗିଥିଲେ, ଖାଲି ଅପେକ୍ଷା କରିଥିଲେ କେବେ ବିତର୍କ ଆରମ୍ଭ ହେବ ଓ ସେମାନେ ସତ୍ୟକୁ ଲୋକଲୋଚନକୁ ଆଣିବେ।



ମୋ ମତରେ ଏତେ ସବୁ ଗୋପନରେ କୋଳାକୋଳି ହେବା ଅପେକ୍ଷା ବରଂ ସରକାର ସ୍ୱଚ୍ଛତାର ସହ ଏକାଡେମୀ ପୁରସ୍କାରକୁ ସର୍ବସାଧାରଣରେ ନିଲାମ କରନ୍ତୁ ଯିଏ ଅଧିକ ମୂଲ୍ୟ ଦେବ ତାକୁ ପୁରସ୍କାର ଦିଆଯାଉ। ଏକାଡ଼େମୀ ଏ ପୁରସ୍କାର ଝମେଲାରୁ ଦୂରରେ ରହି ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ମନୋନିବେଶ କରନ୍ତୁ। ଏମିତିରେ ପୁରସ୍କାର ପ୍ରକ୍ରିୟା ଆଉ କେଉଁ ଏକାଡେମୀ କର୍ତ୍ତୃତ୍ୱରେ ଅଛି ଯେ। ଏକାଡେମୀ ପୁରସ୍କାର ଦିଆଯିବ କି ନ ଦିଆଯିବ, ଯଦି ଦିଆଯିବ ତେବେ କେଉଁ ସର୍ତ୍ତରେ ଦିଆଯିବ, କାହାକୁ ଦିଆଯିବା କଥା, କାହିଁକି ଦିଆଗଲା ନାହିଁ ଏମିତି ସବୁ ନିଷ୍ପତ୍ତି ତ ଏବେ ମାନ୍ୟବର ନ୍ୟାୟାଳୟ ନେଉଛନ୍ତି। ଯଦି କେହି ଏହି ବାତିଲ ଯୁବ ପୁରସ୍କାର ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହୁଅନ୍ତି ତେବେ ଏହା କେତେବର୍ଷ ଧରି ବିଚାରାଳୟରେ ଝୁଲିକି ରହିବ ତାହା ମା' ଗଙ୍ଗେଇଙ୍କୁ ଜଣା। ଭବିଷ୍ୟତରେ ପୁରସ୍କାର ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ପାଇଁ କର୍ତ୍ତୃପକ୍ଷ କି ପଦକ୍ଷେପ ନେଲେ ତାକୁ ଜନସାଧାରଣଙ୍କ ବିଶ୍ୱାସକୁ ନ ନେଇ ବାତିଲ ହୋଇଥିବା ପୁରସ୍କାରର ପୁନଃଚୟନ ପ୍ରକ୍ରିୟାକୁ ତୁରନ୍ତ ଆରମ୍ଭ କରିବା ପଛରେ ଯେ ନ୍ୟାୟାଳୟର ଭୟ ନ ରହିଛି ତାକୁ ଅସ୍ୱୀକାର କରିହେବନାହିଁ। ଏକାଡେମୀ ନିଜେ ଏତେ ସବୁ ଅଯଥା ଝମେଲା ମୁଣ୍ଡେଇବା ଅପେକ୍ଷା ବରଂ ବିଚାର ବିଭାଗ ତତ୍ତ୍ୱାବଧାନରେ ନିଲାମ କରାଯିବା ପାଇଁ ପ୍ରସ୍ତାବ ରଖୁ । ସେଥିରେ କିଛି ବିସଙ୍ଗତି ରହିଲେ ମଧ୍ୟ ଅନ୍ତତଃ କୋର୍ଟ ଅବମାନନା ଦଣ୍ଡ ଭୟରେ କେହି ପ୍ରକାଶ୍ୟରେ ବିରୋଧ କରିବେ ନାହିଁ। ଏହା ଦ୍ୱାରା ପୁରସ୍କାରକୁ ନେଇ ଯେଉଁ ଅଯଥା ତର୍କ ବିତର୍କ ଚାଲୁଛି ତାହା ବନ୍ଦ ହେବା ସହ ପୁରସ୍କୃତ ପ୍ରତିଭା ନିଜକୁ ଅସମ୍ମାନିତ ମନେକରିବେ ନାହିଁ। ସବୁ କାମ ସୁରୁଖୁରୁରେ ହେବା ସହ ଏହା ବଦଳରେ ଯେଉଁ ଅର୍ଥ ଆସିବ ତାକୁ ଏକାଡେମୀ ତା'ର ବହୁ ଦୃଶ୍ୟମାନ କାର୍ଯ୍ୟକ୍ରମ (ବୋଧେ ଏକମାତ୍ର ପ୍ରମୁଖ କାର୍ଯ୍ୟକ୍ରମ) ଯଥା ସ୍ମୃତିଚାରଣ ସଭା ଓ ବିଶେଷ ଦିନ ଅବସରରେ ଜିଲା ସ୍ତରୀୟ କବିତା ପାଠୋତ୍ସବ ଭଳି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକଭାବେ କରିବା ପାଇଁ ଖର୍ଚ୍ଚ କରନ୍ତୁ । ସ୍ମୃତି ଚାରଣ ସଭା ସହ ତିଳ ତର୍ପଣ ସଭା ଓ ବଡଓଷା, ଦ୍ୱିତୀୟା ଓଷା, ସୁଦଶା ବ୍ରତ, ତଅପୋଇ ପୂଜା ଭଳି ଖାଣ୍ଟି ଓଡ଼ିଆ ପର୍ବ ପର୍ବାଣିରେ ଗାଁ ଗାଁରେ କବିତା ପାଠୋତ୍ସବର ଆୟୋଜନ କରି ଅଧିକରୁ ଅଧିକ 'କବି' ସୃଷ୍ଟି ଦିଗରେ ଏକାଡେମୀ ଧ୍ୟାନ ଦେଉ।

ଆଜି ସକାଳେ ଜଣେ ସମ୍ମାନନୀୟ ବୟସ୍କ ସାହିତ୍ୟିକଙ୍କ ସହ କଥା ହେଉଥିଲି। କଥାଛଳରେ କହିଲେ ସେ ତାଙ୍କ ବାୟୋଡାଟାରୁ ଏକାଡେମୀ ପୁରସ୍କାର କାଟିଦେବେ ବୋଲି ଭାବୁଛନ୍ତି। କାରଣ ଏବେ ଏକାଡେମୀ ପୁରସ୍କାରକୁ ନେଇ ଯେଉଁଭଳି କାଦୁଅ ଫୋପଡା ଚାଲିଛି କାଲି କେହି ତାଙ୍କୁ ନ ଭାବନ୍ତୁ ଯେ ସେ ପଦ ପଦବୀର ପ୍ରଭାବ ପକେଇ କିମ୍ବା ଲାଞ୍ଚ ଦେଇ ପୁରସ୍କାର ପାଇଛନ୍ତି। ଏକଦା ମୁଁ ଏକାଡେମୀ ପୁରସ୍କାର ପାଇଛି ବୋଲି ଗର୍ବ ଅନୁଭବ କରୁଥିବା ବେଳେ ଆଜି ଏକାଡେମୀ ପୁରସ୍କାର ପାଇଛି ବୋଲି କହିବାକୁ କୁଆଡେ ଲାଜ ଲାଗିଲାଣି।

କଥା ହେଲା ପୁରସ୍କାର ପାଇ ଯଦି ପୁରସ୍କୃତ ପ୍ରତିଭା ସମ୍ମାନିତ ଅନୁଭବ କରୁନାହାନ୍ତି ତେବେ ସରକାରଙ୍କୁ ଏ ବିଷୟରେ ଗଭୀର ଭାବେ ଚିନ୍ତା କରିବା ସମୟ ଆସିଛି । ନଚେତ ଦିନ ଆସିବ ଯଦି କୌଣସି ସାହିତ୍ୟିକଙ୍କୁ ସର୍ବସାଧାରଣରେ ଅପମାନିତ କରିବାକୁ ଚାହାନ୍ତି ତେବେ ପୁରସ୍କାର ଦେବା ଦୂରେ ଥାଉ କେବଳ ତାଙ୍କ ନାମ ଘୋଷଣା କରିଦେଲେ ବାକି କାମ ଜନତା ଜନାର୍ଦ୍ଦନ କରିଦେବେ।

*–ବନମାଳୀ ଭବନ, ଖାନନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ସାଂପ୍ରତିକ ସମୟର ଓଡ଼ିଆ ଶିଶୁ ସାହିତ୍ୟ


**ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ**
**ପ୍ରକାଶକ– କୋଣାର୍କ ପ୍ରିଣ୍ଟର୍ସ, କଟକ–୮, ମୂଲ୍ୟ– ୩୫୦ଟଙ୍କା**




'ସାଂପ୍ରତିକ ସମୟର ଓଡ଼ିଆ ଶିଶୁ ସାହିତ୍ୟ' ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ ଗବେଷଣା ପୁସ୍ତକ। ପୁସ୍ତକର ପ୍ରଥମ ଅଧ୍ୟାୟରେ ସାଂପ୍ରତିକ ଓଡ଼ିଆ ଶିଶୁ ସାହିତ୍ୟର ଉଦ୍ଭବ ଓ ବିକାଶ ବିଷୟରେ ଆଲୋଚନା କରାଯାଇଛି। ଏହାର ଦ୍ୱିତୀୟ ଅଧ୍ୟାୟରେ ସାଂପ୍ରତିକ ଓଡ଼ିଆ ଶିଶୁ ସାହିତ୍ୟ କେତେ ବ୍ୟାପକ, ତାହା ପ୍ରମାଣ କରିବାକୁ ଚେଷ୍ଟା କରାଯାଇଛି । ଏ ଅଧ୍ୟାୟରେ ମୁଖ୍ୟତଃ ୩ଟି କଥା ଉପରେ ଗୁରୁତ୍ୱ ଦିଆଯାଇଛି। ସେଗୁଡିକ ହେଲା ସୃଜନଶୀଳ ସାହିତ୍ୟ, ଅନୁବାଦ ସାହିତ୍ୟ ତଥା ପ୍ରଭାବିତ ସାହିତ୍ୟ । ଏହି ୩ଟିର ବିବେଚନା କରିବାକୁ ଯଥାସାଧ୍ୟ ଉଦ୍ୟମ କରାଯାଇଛି। ପୁସ୍ତକର ତୃତୀୟ ଅଧ୍ୟାୟରେ ବୈଚିତ୍ର୍ୟମୟ ଓଡ଼ିଆ ଶିଶୁ ସାହିତ୍ୟ ଉପରେ ଆଲୋଚନା ହୋଇଛି। ପୁସ୍ତକର ଚତୁର୍ଥ ଅଧ୍ୟାୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏଥିରେ ଶିଶୁ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀଚାଳନା କରିଥିବା ପ୍ରମୁଖ ସାହିତ୍ୟିକମାନଙ୍କର କୃତୀ ଓ କୀର୍ତ୍ତୀ ଉପରେ ଆଲୋଚନା କରାଯାଇଛି। ପଞ୍ଚମ ଅଧ୍ୟାୟରେ ସାଂପ୍ରତିକ ଓଡ଼ିଆ ଶିଶୁ ସାହିତ୍ୟର ବ୍ୟାପ୍ତି ଓ ବୈଚିତ୍ର୍ୟ ବିଷୟରେ ଆଲୋଚନା ହୋଇଛି। ପୁସ୍ତକଟି ଶିଶୁ ସାହିତ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଛୁଇଁଛି।

### ମହାଭାରତ ଓ ଶ୍ରୀଚଣ୍ଡୀ ପୁରାଣରେ ସାରଳା ଦାସ

**ଡକ୍ଟର ଅରବିନ୍ଦ ପଟ୍ଟନାୟକ, କ୍ୟାପିଟାଲ ଷ୍ଟୁଡେଣ୍ଟସ୍ ଷ୍ଟୋର**
**୧୪୫, ଅଶୋକ ନଗର, ଭୁବନେଶ୍ୱର,ମୂଲ୍ୟ– ୧୫୦ଟଙ୍କା**




ମହାଭାରତରେ ବହୁ ଆଚାର ବିଚାର ବିଭିନ୍ନ ସାଂସ୍କୃତିକ ଗୋଷ୍ଠୀର ବିଶ୍ୱାସ ଓ ଚଳଣି ଗ୍ରଥିତ ହୋଇଛି। ବ୍ୟାସ ଦେବ ଏଥିରେ ଆର୍ଯ୍ୟ ବୈଦିକ ପରମ୍ପରା ବିଚାରଧାରା ମିଶାଇ ଏହାକୁ ସଂସ୍କୃତ ଭାଷାରେ ରଚନା କରିଛନ୍ତି । ସେହିପରି ସାରଳା ଦାସ ମଧ୍ୟ ସମସାମୟିକ ସମାଜରେ ଦେଖିବାକୁ ମିଳୁଥିବା ଘଟଣାବଳୀକୁ ଆଧାରକରି ମୂଳ ମହାଭାରତର ଚରିତ୍ରକୁ ଚିତ୍ରିତ କରିବା ସହ କେତେକ ନୂତନ ଚରିତ୍ର ଯୋଗ କରିଛନ୍ତି । ସାରଳା ଦାସ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଆଦିକବି। ତାଙ୍କର ମହାଭାରତ ତାଙ୍କୁ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତିରେ ଅମର କରି ରଖିଛି।

# କୂଅ ସହ ବଗିଚାର ବାହାଘର

ଉତ୍ତର ପ୍ରଦେଶ, ବହରାଇଚ୍ ଜିଲ୍ଲାସ୍ଥ କଡ଼ସର୍ ବିଟୌରା ଗାଁରେ ହୋଇଥିବା ଏକ ଅଜବ ବିବାହର ଚର୍ଚ୍ଚା ଏବେ ଜୋର୍ ଧରିଛି। ଉକ୍ତ ବିବାହରେ ନା ଥିଲେ କେହି ବର ନା ଥିଲେ କନିଆ। ଭାବୁଥିବେ ତା'ହେଲେ ବାହା ହେଲେ କିଏ? ଅବିଶ୍ୱସନୀୟ ଲାଗିଲେ ବି ଏଠାରେ ପୁରା ରୀତିନିତି ଅନୁସାରେ ଏକ କୂଅ ସହ ବଗିଚାର ବିବାହ କରାଯାଇଥିଲା। ବିବାହକୁ ଆସିବା ଲାଗି ଗାଁ ଲୋକଙ୍କୁ ନିମନ୍ତ୍ରଣ ପତ୍ର ବି ବଣ୍ଟା ଯାଇଥିଲା। ବଗିଚାର ବରଯାତ୍ରୀ ଗାଁରୁ କୂଅ ପର୍ଯ୍ୟନ୍ତ ଯାଇଥିଲା। ପରଦିନ ବରଯାତ୍ରୀ ଫେରିବା ପରେ ଭୋଜିର ଆୟୋଜନ ହୋଇଥିଲା। ପଡ଼ୋଶୀ ଗାଁର ଅନେକ ଗ୍ରାମବାସୀ ବି ଏଥିରେ ସାମିଲ ହୋଇଥିଲେ। ଏସ୍‌ଡିଏମ୍ ମହେଶ କୁମାର କୈଥଲଙ୍କ ସହ ବ୍ଲକ୍‌ର ପ୍ରମୁଖ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଏଥିରେ ସାମିଲ ହୋଇଥିଲେ।







ତେବେ ଏଭଳି ଏକ ନିଆରା ବାହାଘର ପଛର କାରଣ ହେଉଛି, ଏହି ଗାଁର ୮୫ ବର୍ଷୀୟ ବୃଦ୍ଧା ଦାଦୀ କିଶୋରୀ ଦେବୀଙ୍କ ମନରେ ଗାଁର ପୁରାତନ କୂଅ ଓ ବଗିଚାର ବିବାହ କଥା ଆସିଥିଲା। ତାଙ୍କ ମତରେ, ତାଙ୍କ ଗାଁରେ ଉଭୟ କୂଅ ଓ ବଗିଚାକୁ ପୂଜା କରିବାର ପରମ୍ପରା ରହିଛି। ତେବେ କେମିତି ହେବ ଯଦି ଉଭୟଙ୍କୁ ବିବାହ ବନ୍ଧନରେ ବାନ୍ଧି ଦିଆଯାଏ। ଏହି କଥା ଗାଁ ଲୋକଙ୍କ ମନକୁ ବି ଛୁଇଁଥିଲା। ଆଉ ସେଥିପାଇଁ ବିବାହର ଆୟୋଜନ ହୋଇଥିଲା।

ବ୍ୟାକ୍ ପେଜ୍





# କମ୍ପ୍ୟୁଟର ହୁଡ ପ୍ରାଇଭେସି ସ୍କାର୍ଫ

କମ୍ପ୍ୟୁଟରରେ ଆମେ ଅନେକ ଗୁରୁତ୍ୱପୂର୍ଣ୍ଣ କାମ କରିଥାଉ। ତେଣୁ ବେଳେବେଳେ କାମ କରିବା ସମୟରେ ଆମେ ଏକାନ୍ତ ଚାହୁଁ। ଯେମିତିକି ସେହି ଗୁରୁତ୍ୱପୂର୍ଣ୍ଣ କାମକୁ ଅନ୍ୟ କେହି ନ ଦେଖନ୍ତୁ। ଏଇ ପ୍ରାଇଭେସିକୁ ନଜରରେ ରଖି ଲଣ୍ଡନର ରୟାଲ କଲେଜ୍ ଅଫ୍ ଆର୍ଟର ଛାତ୍ର ମୋ ମାଲିଆ ଡିଜାଇନ୍ କରିଛନ୍ତି ଏକ ସ୍ୱତନ୍ତ୍ର ପ୍ରକାରର ସ୍କାର୍ଫ। ଯାହାର ନାଁ କମ୍ପ୍ୟୁଟର ହୁଡ ପ୍ରାଇଭେସି ସ୍କାର୍ଫ। ଏହା ଏମିତି ଏକ ହୁଡ ସ୍କାର୍ଫ ଯାହା ଦ୍ୱାରା ବ୍ୟକ୍ତିଙ୍କ ମୁଣ୍ଡ ସହ କମ୍ପ୍ୟୁଟରର ପୁରା ସ୍କ୍ରିନ ଲୁଚିଯିବ। ଆଉ ଗହଳିରେ ବି ଏହାକୁ ପିନ୍ଧି ପ୍ରାଇଭେଟ୍‌ଲି କାମ କରିହେବ। ତେବେ କମ୍ପ୍ୟୁଟର ପାଇଁ ନୁହେଁ ସେ ମୋବାଇଲ୍ ପାଇଁ ବି ଏଭଳି ସ୍କାର୍ଫ ତିଆରି କରିଛନ୍ତି। ଯଦ୍ୱାରା କି ମୋବାଇଲରେ ବ୍ୟକ୍ତିଗତ ଚାଟିଂ ହେଉକି ଅନ୍ୟ କିଛି ବ୍ୟକ୍ତିଗତ କାମ କରିବାବେଳେ ଏହାକୁ ପିନ୍ଧି ଆରାମରେ କରିପାରିବେ।









# ବେଲୁନ୍ ପରି ଓଠ

ସୁନ୍ଦର ହେବା ପାଇଁ ସମସ୍ତେ ଚାହାନ୍ତି। ସେଥିପାଇଁ କିଏ ଘରୋଇ ଉପଚାରର ସାହାଯ୍ୟ ନିଅନ୍ତି ତ କିଏ ପାର୍ଲର ଯାଆନ୍ତି। ପୁଣି କିଏ ସର୍ଜରୀ କରାଇ କୃତ୍ରିମ ସୁନ୍ଦରତା ପାଇବାକୁ ଚେଷ୍ଟା କରନ୍ତି। ଏଇ ଯେମିତି ବୁଲଗେରିଆର ଆଣ୍ଡ୍ରିଆ ଇଭାନୋଭା। ସେ ନିଜର ସୌନ୍ଦର୍ଯ୍ୟ ବଢାଇବା ଲାଗି ପ୍ଲାଷ୍ଟିକ ସର୍ଜରୀର ସାହାଯ୍ୟ ନେଇଛନ୍ତି। ଶରୀରର ବିଭିନ୍ନ ଅଙ୍ଗରେ ପରିବର୍ତ୍ତନ ଆଣିବା ସହ ନିଜ ଓଠକୁ ଏତେ ବଡ଼ କରିଦେଇଛନ୍ତି ଯେ, ତାହା ଏବେ ପୃଥିବୀର ସବୁଠାରୁ ବଡ଼ ଓଠ ଭାବେ ପରିଗଣିତ ହେଉଛି। ଦୁଇ ଓଠ ଫୁଲି ଏତେ ବଡ଼ ହୋଇଯାଇଛି ଯେ, ତାହା ବେଲୁନ୍ ପରି ଦେଖାଯାଉଛି। ୨୦୧୮ରୁ ସେ ନିଜ ଚେହେରାରେ ପରିବର୍ତ୍ତନ କରିବା ଆରମ୍ଭ କରିଥିଲେ। ଆଉ ସେହି ଧାରା ଏବେବି ବଳବତ୍ତର ରହିଛି। ୨୦୧୮ରେ ସେ ପ୍ରଥମେ ଲିପ୍ ଫିଲର୍ କରାଇଥିଲେ। ୟା' ଭିତରେ ସେ ୩୨ ଥର ଲିପ୍ ଫିଲର କରାଇସାରିଲେଣି। ଓଠରେ ହାୟଲୁରନିକ ଏସିଡ୍‌ର ଫିଲର୍ସ ପାଇଁ ସେ ପ୍ରାୟ ୭.୫୯ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। ଫଳରେ ତାଙ୍କ ଓଠ ଏତେ ବଡ଼ ହୋଇଯାଇଛି ଯେ ତାହା ନାକରେ ବାଜୁଛି, ଶ୍ୱାସକ୍ରିୟାରେ ସମସ୍ୟା ବି ହେଉଛି। ଡାକ୍ତର ବି ୟା'ଠୁ ବଡ଼ ଓଠ କରାଇବାକୁ ମନା କରି ଦେଇଛନ୍ତି। ହେଲେ ଆଣ୍ଡ୍ରିଆଙ୍କୁ ଓଠ ବଡ଼ କରିବାର ନିଶା ଏତେ ଘାରିଛି ଯେ, ସେ ଅଟକିବାକୁ ନାରାଜ।